ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୭୯ ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୧୩.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.179 Bhubaneswar, Thursday, March 13, 2025

୧୮କୁ କମିବ ରାଜ୍ୟର ଲୋକସଭା ଆସନ

ଭୁବନେଶ୍ୱର, ୧୨/୩: ସଂସଦୀୟ କ୍ଷେତ୍ରର ସୀମା ପୁନଃ ନିର୍ଦ୍ଧାରଣ ନେଇ ଏବେ ଦେଶବ୍ୟାପୀ ଚର୍ଚ୍ଚା ଆଲୋଚନା ଜୋର ଧରିଛି । କେଉଁ ରାଜ୍ୟରେ ଲୋକସଭା ଓ ବିଧାନସଭା ଆସନ ବଢ଼ିବ ବା କମିବ ସେ ନେଇ ରାଜନୈତିକସ୍ତରରେ ଅଙ୍କକଷା ମଧ୍ୟ ଆରମ୍ଭ ହୋଇଛି । ପୂର୍ବରୁ ଲୋକସଂଖ୍ୟା ଆଧାରରେ ଓଡ଼ିଶାର ସଂସଦୀୟ କ୍ଷେତ୍ର ୨୧ରୁ ୨୮କୁ ବୃଦ୍ଧି ପାଇବ ବୋଲି କୁହାଯାଉଥିଲା । ମାତ୍ର ଜାତୀୟସ୍ତରରେ ଓଡ଼ିଶା ଓ ଅନ୍ୟ ଦକ୍ଷିଣ ଭାରତୀୟ ରାଜ୍ୟର ଆସନ ସଂଖ୍ୟା ହ୍ରାସ କରିବାକୁ ଷଡ଼ଯନ୍ତ୍ର ଆରମ୍ଭ ହୋଇଛି । ପରିଣାମସ୍ୱରୂପ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ୨୧ରୁ ୧୮କୁ ହ୍ରାସ ପାଇବ ବୋଲି କୁହାଯାଉଛି । ଜନସଂଖ୍ୟା ନିୟନ୍ତ୍ରଣରେ ସଫଳତା ପାଇଥିବା ଓଡ଼ିଶା, କେରଳ, ତାମିଲନାଡୁ ପରି ରାଜ୍ୟଗୁଡ଼ିକ ଏହାଦ୍ୱାରା ପ୍ରଭାବିତ ହେବେ ଏବଂ ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ନିମନ୍ତେ ବିହାର ଓ ଉତ୍ତରପ୍ରଦେଶ ପରି ରାଜ୍ୟଗୁଡ଼ିକର ଆସନ ସଂଖ୍ୟା ଦେଢ଼ଗୁଣରୁ ଅଧିକ ହେବ ବୋଲି ଚର୍ଚ୍ଚା ହେଉଛି । ଡ଼ବଲ ଇଞ୍ଜିନ ସରକାର ରାଜ୍ୟକୁ ଡ଼ବଲ ଖୁସି ଦେବ ବୋଲି ପ୍ରତିଶ୍ରୁତି ଦେଇ ଓଡ଼ିଶାରେ ସରକାର ଗଢ଼ିଛି । ମାତ୍ର ସରକାର ଆସିବା ପରେ ଖୁସି ବଦଳରେ ଓଡ଼ିଶାବାସୀ ପ୍ରତିକ୍ଷେତ୍ରରେ ପ୍ରତାରିତ ହୋଇ ଆସିଛନ୍ତି । ବିଜୁଳି, ଭତ୍ତା, ସ୍ୱାସ୍ଥ୍ୟସେବା, ମହାନଦୀ, ପୋଲାଭରମ ଆଦି କ୍ଷେତ୍ରରେ ଏହା ପ୍ରମାଣିତ ହୋଇ ସାରିଛି । ଏବେ ସଂସଦୀୟ କ୍ଷେତ୍ର ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ଓଡ଼ିଶାର ସମ୍ମାନ ହାନି ହେବାକୁ ଯାଉଛି । ସୀମା ପୁନଃ ନିର୍ଦ୍ଧାରଣ ପାଇଁ ଜନଗଣନା ଜରୁରୀ । ମାତ୍ର ୨୦୨୧ରେ ହେବାକୁଥିବା ଜନଗଣନା ଏଯାଏ କରାଯାଇ ପାରିନାହିଁ । ତେଣୁ ଏକ ଆନୁମାନିକ ଜନସଂଖ୍ୟାକୁ ଆଧାର କରି ୨୦୨୫ରେ ଲୋକସଭା ଆସନ ଆବଣ୍ଟିତ ହୋଇପାରେ ବୋଲି କୁହାଯାଉଛି । ଦୁଇଜଣ ଗବେଷକଙ୍କ ଗବେଷଣା ତଥ୍ୟକୁ ଆଧାର କରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ଜୟରାମ ରମେଶ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏ ସଂକ୍ରାନ୍ତ ପୋଷ୍ଟ କରିବା ପରେ ଓଡ଼ିଶାରେ ଛାନିଆଁ ପଶିଛି । ଜୟରାମ ସୂଚନା ଅନୁସାରେ ୨୦୨୧ ମସିହା ଜନଗଣନା ଅନୁଯାୟୀ ଦେଶରେ ଲୋକସଭା ଆସନ ବଣ୍ଟନ ହେବା କଥା । ମାତ୍ର ଏଯାବତ୍ ଜନ ଗଣନା ହୋଇନଥିବାରୁ ଏକ ଆନୁମାନିକ ଜନସଂଖ୍ୟା ଆଧାରରେ ୨୦୨୬ରେ ଲୋକସଭା ଆସନ ବଣ୍ଟନ ହେବ । ଏପରି ହେଲେ ଦେଶର ୧୦ଟି ରାଜ୍ୟ ନିଜ ନିଜର ଲୋକସଭା ଆସନ କିଛି ମାତ୍ରାରେ ହରାଇବେ ଏବଂ ଏହି ସୂଚୀରେ ଓଡ଼ିଶା ମଧ୍ୟ ରହିଛି । ଓଡ଼ିଶା ପ୍ରାୟ ୩ଟି ଆସନ ହରାଇବ ବୋଲି ଶ୍ରୀ ରମେଶ ଉଲ୍ଲେଖ କରିଛନ୍ତି । ଗତ ୨୦୧୯ ମସିହା ମାର୍ଚ୍ଚ ମାସରେ ୨ ଗବେଷକ ମିଲନ ବୈଷ୍ଣବ ଓ ଜାମି ହିଣ୍ଟସନ ୨୦୦୧ ଓ ୨୦୧୧ ଜନସଂଖ୍ୟା ତଥ୍ୟକୁ ଆଧାର କରି ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି । ଏହି ରିପୋର୍ଟରେ ୨୦୨୬ରେ ଆନୁମାନିକ ଜନସଂଖ୍ୟା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣ ହେଲେ କଣ ଘଟିବ ତାହା ଉଲ୍ଲେଖ କରାଯାଇଛି । ଏଥିରେ ଓଡ଼ିଶା ସହ ୧୦ଟି ରାଜ୍ୟ ଯଥା ତାମିଲନାଡୁ(୮), କେରଳ(୮), ଆନ୍ଧ୍ର ପ୍ରଦେଶ ଏବଂ ତେଲେଙ୍ଗାନା(୮) , ପଶ୍ଚିମ ବଙ୍ଗ(୪), କର୍ଣ୍ଣାଟକ(୨) ଆସନ ହରାଇବାକୁ ଥିବାବେଳେ ହିମାଚଳ ପ୍ରଦେଶ, ପଞ୍ଜାବ ଓ ଉତ୍ତରାଖଣ୍ଡ ଯଥାକ୍ରମେ ଗୋଟିଏ ଲେଖାଏଁ ଆସନ ହରାଇପାରନ୍ତି ବୋଲି ଆକଳନ କରିଛନ୍ତି । ଅପରପକ୍ଷେ ଉତ୍ତର ପ୍ରଦେଶରେ ସର୍ବାଧିକ ୧୧ଟି ଆସନ ବଢ଼ିବାର ସମ୍ଭାବନା ଥିବାବେଳେ ବିହାର, ରାଜସ୍ଥାନ, ମଧ୍ୟ ପ୍ରଦେଶ, ଝାରଖଣ୍ଡ, ହରିୟାଣା, ଗୁଜୁରାଟ, ଦିଲ୍ଲୀ ଓ ଛତିଶଗଡ଼ରେ ଆସନ ସଂଖ୍ୟା ବଢ଼ିବ ବୋଲି ଆକଳନ କରାଯାଉଛି । ଓଡ଼ିଶା ପରି ରାଜ୍ୟ ନିଜ ରାଜ୍ୟରେ ସଫଳତାର ସହ ପରିବାର ନିୟୋଜନ ଅଭିଯାନକୁ କାର୍ଯ୍ୟକାରୀ କରିପାରିଛନ୍ତି । ଯାହାଫଳରେ ପ୍ରଜନନ ହାରରେ ବ୍ୟାପକ ହ୍ରାସ ଦେଖାଦେଇଥିବା ବେଳେ ସମୁଦାୟ ଲୋକସଂଖ୍ୟାରେ ମଧ୍ୟ ହ୍ରାସ ଘଟିଛି । ଏହାହିଁ ଉପରୋକ୍ତ ରାଜ୍ୟରେ ଲୋକସଭା ଆସନ ହ୍ରାସର ପ୍ରମୁଖ କାରଣ ବୋଲି ଜୟରାମ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ ଯେ ଯେଉଁ ରାଜ୍ୟରେ ଲୋକସଭା ଆସନ ସଂଖ୍ୟା ଅଧିକ, ଜାତୀୟ ରାଜନୀତିରେ ଉକ୍ତ ରାଜ୍ୟର ଗୁରୁତ୍ୱ ମଧ୍ୟ ଅଧିକ ରହିଥାଏ । ଏହି ଦୃଷ୍ଟିକୋଣରୁ ଉତ୍ତର ପ୍ରଦେଶ, ବିହାର, ମଧ୍ୟ ପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ ପରି ରାଜ୍ୟ କେନ୍ଦ୍ର ସରକାରଙ୍କ ନିକଟରୁ ବିଶେଷ ସହାୟତା ପାଉଛନ୍ତି । ତେବେ ସୀମା ପୁନଃ ନିର୍ଦ୍ଧାରଣ ବେଳେ ଯଦି ଓଡ଼ିଶାର ଆସନ ସଂଖ୍ୟାରେ ହ୍ରାସ ପାଏ, ତାହେଲେ ଜାତୀୟ ରାଜନୀତିରେ ଓଡ଼ିଶାର ପ୍ରଭାବରେ ହ୍ରାସ ଘଟିବାର ସମ୍ଭାବନା ରହିଛି । ତେଣୁ ଜୟରାମଙ୍କ ଉପରୋକ୍ତ ଆକଳନକୁ ନେଇ ଏବେ ରାଜ୍ୟରେ ବେଶ୍ ଚର୍ଚ୍ଚା ଆଲୋଚନା ପ୍ରକାଶ ପାଇଛି ।

'ମଦ ପିଇ ହୋଲି ଖେଳିଲେ ବନ୍ଧା ହେବେ'

ଭୁବନେଶ୍ୱର, ୧୨/୩: ଆଗକୁ ଆସୁଛି ରଙ୍ଗର ପର୍ବ ହୋଲି । ସୁରକ୍ଷିତ ରହି ହୋଲି ପାଳନ ପାଇଁ କମିଶନରେଟ ପୋଲିସ ଜାରି କରିଛି ଗାଇଡଲାଇନ । ମଦ୍ୟପାନ କରି କୌଣସି ନଦୀ କିମ୍ବା ପୁଲକୁ ଗାଧୋଇବାକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି । ମଦ୍ୟପାନ କରି ହୋଲି ଖେଳିଲେ ବନ୍ଧା ହେବେ । ସବୁ ଗାଧୁଆ ଘାଟରେ ମୁତୟନ ରହିବେ ପୋଲିସ ସହ ଅଗ୍ନିଶମ ବିଭାଗ । ରାସ୍ତା ଉପରେ ହୋଲି ଖେଳ ନାଁରେ ଗହଳି କଲେ ଉଠାଇନେବ PCR । ଏହାସହ ହୋଲି ଦିନ ରାଜଧାନୀରେ ୨୦ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ । ପୋଲିସର ଫୋକସ ରହିବ ବେଆଇନ୍ ମଦ କାରବାର ଉପରେ । ହର୍ବାଲ୍ ରଙ୍ଗ ବ୍ୟତୀତ କେମିକାଲ ରଙ୍ଗ ବିକ୍ରି ଉପରେ ମଧ୍ୟ ଲାଗିବ ରୋକ ।ଏପଟେ ମାର୍ଚ୍ଚ ୧୫ରେ ହେବ ହୋଲି ଖେଳ । ଏହି ରଙ୍ଗର ପର୍ବକୁ ନେଇ ଏବେଠାରୁ ସବୁଆଡେ ଖୁସିର ପରିବେଶ । ଆଜିଠାରୁ ବି ଅନେକ ସ୍ଥାନରେ ଅବିର ଉଡୁଛି । କିନ୍ତୁ ଆଜିକାଲି ଯେହେତୁ ଅବିର ଭେଜାଲ ହେବାରେ ଲାଗିଛି, ଲୋକମାନେ ଜୈବିକ ରଙ୍ଗ କିଣିବାକୁ ପସନ୍ଦ କରୁଛନ୍ତି । ଏଗୁଡିକ ପ୍ରାକୃତିକ ଉପାଦାନରୁ ତିଆରି ଯାହା ଚର୍ମକୁ କୌଣସି ପ୍ରକାର କ୍ଷତି ପହଞ୍ଚାଏ ନାହିଁ । ତେବେ ଏହିସବୁ ରଙ୍ଗକୁ ଚିହ୍ନିବା ଜରୁରୀ, ନଚେତ୍ କେହି ଆପଣଙ୍କୁ ଜୈବିକ ରଙ୍ଗ ନାଁରେ ଠକି ପାରେ । ପ୍ରାକୃତିକ ରଙ୍ଗରେ କୌଣସି ପ୍ରକାରର ରାସାୟନିକ କିମ୍ବା କାଚ ଗୁଣ୍ଡ ନ ଥାଏ । ଏହି ଅବିର ଫୁଲର ପାଖୁଡା, ପତ୍ର, ବିଟ୍, ପାଳଙ୍ଗ, ହଳଦୀ, ସିନ୍ଦୁର, ଚନ୍ଦନ, ଅଟା, ଧନିଆ ପାଉଡର, ବେସନ ଭଳି ଜିନିଷରୁ ତିଆରି । ଏହି ହର୍ବାଲ୍ ରଙ୍ଗକୁ ମଧ୍ୟ ଆପଣ ଘରେ ଅତି ସହଜରେ ତିଆରି କରିପାରିବେ । ହର୍ବାଲ ରଙ୍ଗକୁ ଛୁଇଁ ଆପଣ ଏହା ପ୍ରକୃତ କିମ୍ବା ନକଲି ବୋଲି ଜାଣିପାରିବେ । ଏହି ଅବିର ଯେହେତୁ ଉଦ୍ଭିଦଜାତ ଜିନିଷରୁ ତିଆରି ହୋଇଥାଏ ଏହା ବହୁତ ନରମ ଏବଂ ସୂକ୍ଷ୍ମ ହୋଇଥାଏ । ଭେଜାଲ୍ କେମିକାଲ ରଙ୍ଗ ରଗଡିଆ ବା ରୁଆରୁଆ ଅନୁଭବ ହୁଏ । ହର୍ବାଲ ରଙ୍ଗ ମଧ୍ୟ ଅଧିକ ଚକଚକ କରେ ନାହିଁ ।

ରାସନ କାର୍ଡରେ ଖୁବ୍ ଶୀଘ୍ର ମିଳିବ ଗହମ

ଭୁବନେଶ୍ୱର, ୧୨/୩: ଆଗାମୀ ଦିନରେ ରାଜ୍ୟର ଲୋକଙ୍କୁ ରାସନ କାର୍ଡ ମାଧ୍ୟମରେ ପୂର୍ବ ଭଳି ଗହମ ଯୋଗାଇ ଦିଆଯିବ । ଏନେଇ ଏକ ପ୍ରଶ୍ନ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ଲିଖିତ ଉତ୍ତର ପ୍ରଦାନ କରିଛନ୍ତି । ପଟାଙ୍ଗୀର କଂଗ୍ରେସ ବିଧାୟକ ରାମ ଚନ୍ଦ୍ର କାଡାମ୍ ଜାଣିବାକୁ ଚାହିଁଥିଲେ ଯେ,ପୂର୍ବ ସରକାରଙ୍କ ସମୟରେ ଗରିବ , ଖଟିଖିଆ ଓ ରୋଗାଗ୍ରସ୍ତମାନଙ୍କୁ ରାସନ କାର୍ଡ ମାଧ୍ୟମରେ ଗହମ ବଣ୍ଟନ ବନ୍ଦ କରିଥିଲେ । ବର୍ତ୍ତମାନର ସରକାର ପୁନଃ ରାସନ କାର୍ଡ ମାଧ୍ୟମରେ ଗହମ ଯୋଗାଣ ପାଇଁ ବ୍ୟବସ୍ଥା କରିବେ କି, ଯଦି ହଁ, ତେବେ ଏହି ଗହମ ବଣ୍ଟନ ରାସନ କାର୍ଡ ମାଧ୍ୟମରେ କେବେ ବଣ୍ଟନ ହେବ ବୋଲି ସେ ପ୍ରଶ୍ନ କରିଥିଲେ ।ଏହାର ଉତ୍ତରରେ ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ, କେନ୍ଦ୍ର ସରକାର ୨୦୨୪ ଅକ୍ଟୋବର ମାସରୁ ଖାଉଟିମାନଙ୍କୁ ଉଭୟ ଚାଉଳ ଓ ଗହମ ଯୋଗାଇ ଦେବାପାଇଁ ଆବଣ୍ଟନ ପତ୍ର ଜାରି କରିଥିଲେ । ଭାରତୀୟ ଖାଦ୍ୟ ନିଗମରୁ ଗହମ ଉଠାଣ କରିବା ପାଇଁ ଆବଶ୍ୟକୀୟ ପରିବହନ ବ୍ୟବସ୍ଥା ସ୍ଥିରୀକୃତ ହୋଇ ନଥିବାରୁ କେନ୍ଦ୍ର ସରକାରଙ୍କୁ ଅବଗତ କରାଇ ଗହମର ବଣ୍ଟନ ପ୍ରକ୍ରିୟାକୁ ସ୍ଥଗିତ ରଖି ହିତାଧିକାରୀଙ୍କୁ ୧୦୦ ପ୍ରତିଶତ ଚାଉଳ ବଣ୍ଟନ କରାଯାଉଛି ।

ତାତିରେ ଫୁଟୁଛି ଓଡ଼ିଶା

ଭୁବନେଶ୍ୱର,୧୨/୩: ଚଳିତ ବର୍ଷ ୨୦୨୫ ମସିହାରେ ପ୍ରଥମ ଥର ପାଇଁ ଓଡ଼ିଶାର ତାପମାତ୍ରା ୪୦ ଡିଗ୍ରି ସେଲସିୟସ୍ ଅତିକ୍ରମ କରିଛି । ବୌଦ୍ଧର ତାପମାତ୍ରା ୪୦.୫ ଡିଗ୍ରି ସେଲସିୟସ୍ ଛୁଇଁଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସୂଚନା ଦେଇଛି । ଆଇଏମଡିର ସଦ୍ୟତମ ତଥ୍ୟ ଅନୁଯାୟୀ ବୌଦ୍ଧରେ ଦିନର ସର୍ବାଧିକ ତାପମାତ୍ରା ୪୦.୫ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ, ବଲାଙ୍ଗୀରରେ ବୁଧବାର ଦ୍ୱିତୀୟ ସର୍ବାଧିକ ତାପମାତ୍ରା ୩୯.୯ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି । ଏହା ପଛକୁ ଝାରସୁଗୁଡା ଏବଂ ସୁନ୍ଦରଗଡରେ ତାପମାତ୍ରା ୩୯.୪ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁରରେ ୩୯.୩ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି । ସେହିପରି ହୀରାକୁଦରେ ତାପମାତ୍ରା ୩୮.୭ ଡିଗ୍ରି ସେଲସିୟସକୁ ବୃଦ୍ଧି ପାଇଥିଲା ବେଳେ ରାଉରକେଲାରେ ୩୮.୪ ଡିଗ୍ରି ସେଲସିୟସ ତାପମାତ୍ରା ରହିଛି । ଏହା ବ୍ୟତୀତ, ଭଦ୍ରକ ଜିଲ୍ଲାର ଚାନ୍ଦବାଲିରେ ତାପମାତ୍ରା ୩୭.୬ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଛି । ଏହା ସହିତ, କେନ୍ଦୁଝର ଏବଂ ବାଲେଶ୍ୱରରେ ଯଥାକ୍ରମେ ୩୭ ଡିଗ୍ରି ଏବଂ ୩୬ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଛି । ଆଇଏମଡି ସୂଚନା ଦେଇଛି ଯେ, ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୬.୬ ଡିଗ୍ରି ରହିଛି । ଏହା ସହିତ ପାଣିପାଗ ବିଭାଗ ଆଗାମୀ ଚାରି ଦିନ ପାଇଁ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ହେବା ନେଇ ସତର୍କ ସୂଚନା ଜାରି କରିଛି । ଗୁରୁବାରଠାରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ଦେଖାଦେବାର ସମ୍ଭାବନା ଥିବା ଅନେକ ଜିଲ୍ଲା ପାଇଁ ୟୋଲୋ ଏବଂ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି । ପାଣିପାଗ ବିଶେଷଜ୍ଞ ଏହା ମଧ୍ୟ ପୂର୍ବାନୁମାନ କରିଛନ୍ତି ଯେ, ଆଗାମୀ ପାଞ୍ଚ ଦିନ ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଦିନର ଚ ତାପମାତ୍ରା ଧୀରେ ଧୀରେ ୨-୩ ଡିଗ୍ରି ସେଲସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ଅଧିକ ରହିଛି ।

ମୋବାଇଲ ନେବେ ହେଲେ ଭିଡିଓଗ୍ରାଫି ମନା

ଭୁବନେଶ୍ୱର, ୧୨/୩: ଶେଷରେ ଧାରଣାରୁ ଓହରିଲେ ସାମ୍ବାଦିକ । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବୁଝାସୁଝା ପରେ ଧାରଣାରୁ ଓହରିଛନ୍ତି । ବିଧାନସଭାକୁ ସାମ୍ବାଦିକଙ୍କ ମୋବାଇଲ ମନାକୁ ନେଇ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ ସାମ୍ବାଦିକ । ବିଧାନସଭା ପ୍ରେସ ଗ୍ୟାଲେରିକୁ ଆଜି ସାମ୍ବାଦିକମାନଙ୍କୁ ମୋବାଇଲ ନେବାକୁ ବାରଣ କରାଯାଇଥିଲା । ଯାହାକୁ ବିରୋଧ କରିବା ବିଧାନସଭାରେ ପ୍ରଶ୍ନକାଳକୁ ବଏକଟ କରିଥିଲେ ସାମ୍ବାଦିକ । ପୂର୍ବରୁ ସମାନ ଢଙ୍ଗରେ ବିଧାନସଭାକୁ ସାମ୍ବାଦିକଙ୍କ କ୍ୟାମେରା ଉପରେ କଟକଣା ଲଗାଇଥିଲେ ପୂର୍ବ ସରକାର । ଆଉ ଏବେ ବିଜେଡି ଭଳି ବିଜେପି ମଧ୍ୟ ସାମ୍ବାଦିକଙ୍କ ମୋବାଇଲ ଉପରେ କଟକଣା ଲଗାଇଛି ବୋଲି କହିଥିଲେ । ମିଳିଥିବା ସୂଚନା ମୁତାବକ ଗତକାଲିର ଘଟଣା ପରେ, ବୁଧବାର ସାମ୍ବାଦିକମାନେ ଯେତେବେଳେ ବିଧାନସଭା ପ୍ରଶ୍ନକାଳକୁ ପ୍ରସାରଣ କରିବାକୁ ବିଧାନସଭାରେ ପହଞ୍ଚିଥିଲେ, ସେହି ସମୟରେ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏକ ଲଫାପା ଦିଆଯିବା ସହିତ, ଏହି ଲଫାପାରେ ଫୋନ୍ ରଖି ପ୍ରେସ୍ ଗ୍ୟାଲେରୀକୁ ଯିବା ପାଇଁ କୁହାଯାଇଥିଲା । ଯାହା ଫଳରେ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ପ୍ରଶ୍ନକାଳକୁ ବୟକଟ୍ କରିଥିଲେ । ସୂଚନାଯୋଗ୍ୟ ଯେ, ଗତକାଲି ବିଧାନସଭା ଭିତରେ ବିଧାୟକମାନଙ୍କର ମାରପିଟ୍ ହେବା ଭିଡିଓ ଭାଇରାଲ ହେଇଥିଲା । ଆଉ ଏହାପରେ ଆଜି ସାମ୍ବାଦିକଙ୍କ ଉପରେ କଟକଣା ଲାଗିଥିଲା । ମଙ୍ଗଳବାର ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ଏବଂ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ହାତାହାତି ହେଇଥିଲେ । ଏହାପରେ ଗୃହରେ ଆରମ୍ଭ ହେଇଯାଇଥିଲା ବିଧାୟକମାନଙ୍କର ଗଣ୍ଡଗୋଳ । ପରସ୍ପରକୁ ଧକ୍କା ଦେବା ସହିତ, ଗୃହରେ ହୋ ହଲ୍ଲା କରିଥିଲେ ବିଧାୟକ, ଯାହାର ଖବର ପ୍ରସାରଣ କରିଥିଲା ଗଣମାଧ୍ୟମ । ତେବେ ଧାରଣା ପରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୁଝାସୁଝା କରିଥିଲେ, ଏହାପରେ ସାମ୍ବାଦିକମାନେ ଧାରଣାରୁ ଓହରିଥିଲେ । ବର୍ତ୍ତମାନ ମୋବାଇଲ ନେବାକୁ ଅନୁମତି ଥିଲେ ବି ମିଡିଆ ଗ୍ୟାଲେରୀରେ ଫଟୋଗ୍ରାଫି ଓ ଭିଡିଓ ରେକର୍ଡିଂ ମନା କରାଯାଇଛି ।

ରାସନ କାର୍ଡରୁ ବାଦ୍ ପଡିଲେ ୮୪,୭୫୭ ହିତାଧିକାରୀ

ଭୁବନେଶ୍ୱର,୧୨/୩: ରାଜ୍ୟର ରାସନ କାର୍ଡ ହିତାଧିକାରୀଙ୍କୁ ନେଇ ଆସିଛି ବଡ଼ ଖବର । ଆଜି ବିଧାନସଭାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଆଧାର ଭିତ୍ତିକ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ପରେ ଖାଦ୍ୟ ସୁରକ୍ଷା ଯୋଜନାରୁ ୮୪,୭୫୭ ହିତାଧିକାରୀ ବାଦ୍ ପଡିଛନ୍ତି । ନୂଆ ସରକାର ଆସିବା ପରେ ଗତ ୬ ମାସ ଧରି ଇ-କେୱାଇସି ଯାଞ୍ଚ ଚାଲିଥିଲା । ଯାହାକୁ ନେଇ ଆଜି ବିଜେଡି ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପ୍ରଶ୍ନରେ ଯୋଗାଣ ମନ୍ତ୍ରୀଙ୍କ କହିଛନ୍ତି ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ପରେ ୮୪,୭୫୭ ହିତାଧିକାରୀଙ୍କୁ ରାସନ୍ କାର୍ଡୁ ବାଦ୍ ଦିଆଯାଇଛି । ବାଦ୍ ପଡିଥିବା ହିତାଧିକାରୀଙ୍କୁ ରାସନ ବନ୍ଦ କରାଯାଇଛି । ଏଥି ସହିତ ଏପର୍ଯ୍ୟନ୍ତ ୨୨,୨୯୩ ଅଯୋଗ୍ୟ ରାସନ କାର୍ଡ ଚିହ୍ନଟ ହୋଇଛି । ଯେଉଁମାନେ ନିଜ ଆଡୁ ରାସନ କାର୍ଡ କାଟି ଦେଇଇନ୍ତି । କଟକରୁ ସର୍ବାଧିକ ୨,୫୫୪ ହିତାଧିକାରୀ, ନୟାଗଡରୁ ୧,୬୧୮, ବାଲେଶ୍ୱରରୁ ୧, ୪୩୬ ଓ ଖୋର୍ଦ୍ଧା ୧, ୩୪୫ ଜଣ ଅଯୋଗ୍ୟ ହିତାଧିକାରୀ ନିଜ ଆଡୁ ରାସନ କାର୍ଡ କାଟିଦେଇଥିବା ମନ୍ତ୍ରୀ କହିଛନ୍ତି ।

ଏବେ ବି ପାଣ୍ଡିଆନଙ୍କ କବଜାରେ ବିଜେଡି

ଭୁବନେଶ୍ୱର, ୧୨/୩: ଏବେ ବି ପାଣ୍ଡିଆନଙ୍କ ଇସାରାରେ ଚାଲିଛି ବିଜେଡି । ସନ୍ନ୍ୟାସ ନାଟକର ପର୍ଦ୍ଦାଫାସ୍ କଲା ବିବାହ ପରେ ପାଣ୍ଡିଆନଙ୍କ ସହ ମନ୍ମଥ ରାଉତରାୟଙ୍କ ଫଟୋ । ଆଉ ଏ ଫଟୋ ଭାଇରାଲ୍ ହେବା ପରଠୁ ବଢ଼ିଛି ରାଜନୈତିକ ଚର୍ଚ୍ଚା । ଏମିତିକି ବିଧାୟକ ସାରଦା ବି କହିଛନ୍ତି, ଏବେ ବି ଦଳ ସହ ପାଣ୍ଡିଆନ୍ ଅଛନ୍ତି, ତାଙ୍କ କ୍ରେଜ୍ ବି ଅଛି । ପ୍ରତିକ୍ରିୟାରେ ବିଜେପି କହିଛି ବିଜେଡି ଶେଷ ନହେବା ପର୍ଯ୍ୟନ୍ତ ଦଳକୁ ଛାଡ଼ିବେନି ତାମିଲ ବାବୁ ।ଏବେ ବି ପାଣ୍ଡିଆନଙ୍କ କବଜାରେ ବିଜେଡି ! ପାଣ୍ଡିଆନଙ୍କ ଇସାରାରେ ଚାଲିଛି ଦଳ ! ନବୀନ ନିବାସରେ ପାଣ୍ଡିଆନ ସକ୍ରିୟ, ଭେଟୁଛନ୍ତି ନେତା ଓ ବିଧାୟକ । ବିବାହ ପରେ ପାଣ୍ଡିଆନଙ୍କ ସହ ମନ୍ମଥ ରାଉତରାୟଙ୍କ ଫଟୋ ପରେ ଚର୍ଚ୍ଚା । ସ୍ୱୀକାର କଲେ ବିଜେଡି ବିଧାୟକ । ଦ୍ୱିତୀୟ ବିବାହ ପରେ ପତ୍ନୀଙ୍କ ସହ ନବୀନ ନିବାସ ଯାଇ ନବୀନ ପଟ୍ଟନାୟକ ସହ ଫଟୋ ଉଠାଇଲେ, ତା ସହ ପାଣ୍ଡିଆନଙ୍କ ସହ ମଧ୍ୟ ଫଟୋ ଉଠାଇଛନ୍ତି । ଯାହା ଭାଇରଲ ହେବା ପରେ ବଢିଛି ରାଜନୈତିକ ଚର୍ଚ୍ଚା । ନିର୍ବାଚନ ପରେ ରାଜନୀତିରୁ ସନ୍ନ୍ୟାସ ନେଲା ପରେ ବିଜେଡି ରାଜନୀତିରେ ସକ୍ରିୟ ଅଛନ୍ତି ପାଣ୍ଡିଆନ । ଏବେ ବି ନବୀନ ନିବାସରେ ରହି ନେଉଛନ୍ତି ସବୁ ନିଷ୍ପତ୍ତି । ଆଉ ପାଣ୍ଡିଆନଙ୍କ ପ୍ରଭୁତ୍ୱ ପାଇଁ ବରିଷ୍ଠଠୁ କନିଷ୍ଠ ସବୁ ଅସନ୍ତୁଷ୍ଟ । ଆଉ ଚାଲିଛି ଏକାଧିକ ଗୋଷ୍ଠୀ । ପାଣ୍ଡିଆନଙ୍କ ଦବଦବା ଥିବା ବିଜେଡି ବିଧାୟକ ସାରଦା ଜେନା ବି ସ୍ୱର ମିଳାଇ ସ୍ୱୀକାର କରି କହିଛନ୍ତି, ପାଣ୍ଡିଆ

ହୋଲି ସମୟରେ ଯାତ୍ରୀଭିଡ଼ି ଏଡ଼ାଇବା ପାଇଁ ପୂର୍ବତଟ ରେଳପଥରୁ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୨/୩: ଚେରଲାପାଲି (ହାଇଦ୍ରାବାଦ) ହୋଲି ସ୍ୱତନ୍ତ୍ର ଟ୍ରେନ । ପୁରୀ – କୋଲକାତା ହୋଲି ସ୍ୱତନ୍ତ୍ର ଟ୍ରେନ ।. ବିଶାଖାପାଟଣା – ଝଗଠଞ ବେଙ୍ଗାଲୁରୁ ହୋଲି ସ୍ୱତନ୍ତ୍ର ଟ୍ରେନ ।. ସ୍ୱତନ୍ତ୍ର ଟ୍ରେନ୍ ସେବା ଯଥା: ଖୋର୍ଦ୍ଧା ରୋଡ୍ ରୁ ଉଧନା (ସୁରତ); ପୁରୀରୁ କୋଲକାତା / ସନ୍ତ୍ରାଗାଛି / ଶାଲିମାର ଏବଂ ଭଞ୍ଜପୁର (ବାରିପଦା); ବିଶାଖାପାଟଣାରୁ ତିରୁପତି/ଶାଲିମାର; ସମ୍ବଲପୁରରୁ ଇରୋଡ୍ (ତାମିଲନାଡୁ) ଏବଂ ଭୁବନେଶ୍ୱରରୁ ଯଶବନ୍ତପୁର (ବାଙ୍ଗାଲୋର) ଏବଂ ଭୁବନେଶ୍ୱର ରୁ ଧାନବାଦ ସ୍ୱତନ୍ତ୍ର ଟ୍ରେନ ଗୁଡିକର ଚଳାଚଳ ଦିବସ ବୃଦ୍ଧି ।ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ଟ୍ରେନ ରୁଟରେ ଚାଲୁଥିବା ନିୟମିତ ଟ୍ରେନରେ ଯାତ୍ରୀମାନଙ୍କ ଅତିରିକ୍ତ ଯାତ୍ରୀ ଭିଡକୁ ଦୂର କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ହୋଲି ଉତ୍ସବ ସମୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତ୍ତି ନିଆଯାଇଅଛି । ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ତିନି ଯୋଡି ହୋଲି ସ୍ପେସିଆଲ୍ ଟ୍ରେନ୍ ଚେରଲାପାଲ୍ଲୀ (ହାଇଦ୍ରାବାଦ), କୋଲକାତା ଏବଂ ବେଙ୍ଗାଲୁରୁକୁ ଚଳାଚଳ କରାଇବା ପାଇଁ ଯୋଜନା କରାଯାଇଛି । ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ପୂର୍ବରୁ ଚଳାଚଳ କରୁଥିବା କିଛି ସ୍ୱତନ୍ତ୍ର ଟ୍ରେନର ସେବାକୁ ମଧ୍ୟ ବର୍ଦ୍ଧିତ କରାଯାଇଅଛି । ପର୍ବପର୍ବାଣି ସମୟରେ ଭାରତୀୟ ରେଳବାଇ ଅଧିକ ସଂଖ୍ୟକ ଟିକେଟ୍ ବୁକିଂର ନଜର ରହିଛି । ଯାହା ଫଳରେ ନିୟମିତ ଟ୍ରେନରେ ଟିକେଟ୍ ର ଲମ୍ବା ପ୍ରତୀକ୍ଷା ତାଲିକା ଦେଖିବାକୁ ମିଳୁଛି । ଭାରତୀୟ ରେଳବାଇର ଯାତ୍ରୀ ପ୍ରୋଫାଇଲ୍ ମ୍ୟାନେଜମେଣ୍ଟ ୟୁନିଟ୍ ଯାତ୍ରୀଙ୍କ ଯାତ୍ରା ଅସୁବିଧାକୁ ଦୂର କରିବା ପାଇଁ ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ଉପରେ ନଜର ରଖିଛି । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ନିୟମିତ ଟ୍ରେନରେ ଅତିରିକ୍ତ କୋଚ୍ ବୃଦ୍ଧି କରାଇବା ବ୍ୟତୀତ ଲୋକପ୍ରିୟ ଗନ୍ତବ୍ୟସ୍ଥଳକୁ ସଂଯୋଗ କରୁଥିବା ବ୍ୟସ୍ତବହୁଳ ମାର୍ଗରେ ଅନେକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଅଛି ।ବର୍ଥ ଉପଲବ୍ଧ – ସ୍ୱତନ୍ତ୍ର ଟ୍ରେନଗୁଡ଼ିକୁ କିପରି ଖୋଜିବେ:ଯଦି, ଏହି ଋତୁରେ ଯାତ୍ରୀମାନେ ନିୟମିତ ଟ୍ରେନରେ ପ୍ରତୀକ୍ଷା ତାଲିକା ସ୍ଥିତି ପାଉଛନ୍ତି, ତେବେ ସେମାନେ ପୂର୍ବତଟ ରେଳପଥ କ୍ଷେତ୍ରାଧିକାରରୁ ଏବଂ ଏହା ମଧ୍ୟ ଦେଇ ଚଳାଚଳ ସ୍ୱତନ୍ତ୍ର ଟ୍ରେନଗୁଡ଼ିକରେ ଟ୍ରେନ୍ ଟିକେଟ ବୁକ୍ କରିପାରିବେ । ସ୍ୱତନ୍ତ୍ର ଟ୍ରେନ ନମ୍ବର '୦' (ଶୂନ୍ୟ) ସହିତ ଆରମ୍ଭ ହୁଏ ଏବଂ ଯାତ୍ରୀମାନେ ଅନଲାଇନ୍ ଟିକେଟ ପାଇଁ ଆଇଆରସିଟିସି ୱେବ ସାଇଟ ମାଧ୍ୟମରେ କିମ୍ବା କାଉଣ୍ଟର ଟିକେଟ ପାଇଁ ଚଜଝ କାଉଣ୍ଟର ଯାଇ ଟ୍ୱିମେଟ ବୁକ କରିପାରିବ ସହ ଟ୍ରେନ ସମ୍ବନ୍ଧରେ ଜାଣିବା ପାଇଁ ଜାତୀୟ ଟ୍ରେନ୍ ସୂଚନା ପ୍ରଣାଳୀ (NTES) ରୁ ସହଜରେ ପାଇପାରିବେ

। ସ୍ୱତନ୍ତ୍ର ଟ୍ରେନଗୁଡ଼ିକରେ ବର୍ଥ ଉପଲବ୍ଧ। ଏହି ଋତୁରେ ପୂର୍ବତଟ ରେଳପଥ ସ୍ୱତନ୍ତ୍ର ଟ୍ରେନ ଚଲାଇ ଏବଂ ନିୟମିତ ଟ୍ରେନରେ ଅତିରିକ୍ତ କୋଚ୍ ବୃଦ୍ଧି କରି ଅତିରିକ୍ତ ବର୍ଥ ସୃଷ୍ଟି କରୁଅଛି । ଯାତ୍ରୀମାନେ ଓଜଉଞଉ ୱେବସାଇଟ୍ ଅନୁସରଣ କରି କିମ୍ବା ମୋବାଇଲ୍ ଆପ୍ ମାଧ୍ୟମରେ ଟିକେଟ ବୁକ୍ କରି କିମ୍ବା ଚଜଝ କାଉଣ୍ଟରରୁ ଟିକେଟ ବୁକ୍ କରିବା ସହ ଅନଲାଇନରେ ସେମାନଙ୍କର ଟିକେଟ ବୁକ୍ କରିପାରିବେ । ପୂର୍ବତଟ ରେଳପଥ ମଧ୍ୟ ସମ୍ପ୍ରତି ସ୍ୱତନ୍ତ୍ର ଟ୍ରେନ୍ ଚଲାଇବା ବିଷୟରେ ସୂଚନା ଦେଇଛି । ଯାତ୍ରୀମାନେ ପୂର୍ବତଟ ରେଳପଥ ଫେସବୁକ୍ ପେଜ୍ ଅରଇଝଞଉଡଢଇଝଞଜବସକ୍ଷଙ୍ଗବଜ ଏବଂ ଟ୍ୱିଟର୍ ଆକାଉଣ୍ଟ ଅରବଷ୍ପଷ୍ପଉକ୍ଟବଷ୍ପଷ୍ପଜବସକ୍ଷ କୁ ଅନୁସରଣ କରି ସ୍ୱତନ୍ତ୍ର ଟ୍ରେନ୍ ବିଷୟରେ ଜାଣିପାରିବେ । ଭୁବନେଶ୍ୱର-ଚେରଲାପାଲି (ହାଇଦ୍ରାବାଦ) ହୋଲି ସ୍ପେଶାଲ୍: ୦୮୪୭୯/୦୮୪୮୦ ଭୁବନେଶ୍ୱର-ଚେରଲାପାଲି (ହାଇଦ୍ରାବାଦ)-ଭୁବନେଶ୍ୱର ହୋଲି ସ୍ପେଶାଲ୍ ୧୦ ମାର୍ଚ୍ଚରୁ ୨୪ ମାର୍ଚ୍ଚ ୨୦୨୫ ମଧ୍ୟରେ ପ୍ରତି ସୋମବାର ଦିନ ମଧ୍ୟାହ୍ନ ୧୨ଘ.୧୦ମି.ରେ ଭୁବନେଶ୍ୱରରୁ ଛାଡିବ । ଫେରିବା ମାର୍ଗରେ, ଚେରଲାପାଲି-ଭୁବନେଶ୍ୱର ହୋଲି ସ୍ପେଶାଲ୍ ୧୧ ମାର୍ଚ୍ଚରୁ ୨୫ ମାର୍ଚ୍ଚ ୨୦୨୫ ମଧ୍ୟରେ ପ୍ରତି ମଙ୍ଗଳବାର ଦିନ ପୂର୍ବାହ୍ନ ୦୯ଘ.୫୦ମି.ରେ ଚେରଲାପାଲିରୁ ଛାଡି ଭୁବନେଶ୍ୱର ଯାତ୍ରା କରିବ । ପୁରୀ-କୋଲକାତା ହୋଲି ସ୍ପେଶାଲ୍:୦୩୧୦୧/୦୩୧୦୨ କୋଲକାତା-ପୁରୀ-କୋଲକାତା ହୋଲି ସ୍ପେଶାଲ୍ ୧୩, ୧୮ ଏବଂ ୨୦ ମାର୍ଚ୍ଚ ୨୦୨୫ ଦିନ ରାତ୍ରି ୧୧ଘ.୫୦ମି.ରେ କୋଲକାତାରୁ ଛାଡିବ । ଫେରିବା ଦିଗରେ, ପୁରୀରୁ ୦୩୧୦୨ ପୁରୀ-କୋଲକାତା ହୋଲି ସ୍ପେଶାଲ୍ ୧୪, ୧୯ ଏବଂ ୨୧ ମାର୍ଚ୍ଚ ୨୦୨୫ ଦିନ ଅପରାହ୍ନ ୦୩ଘ.୩୦ମି.ରେ ଛାଡି କୋଲକାତା ଯାତ୍ରା କରିବ ।ବିଶାଖାପାଟଣା-ବେଙ୍ଗାଲୁରୁ ହୋଲି ସ୍ପେଶାଲ୍:୦୮୫୪୯/୦୮୫୫୦ ବିଶାଖାପାଟଣା – ବେଙ୍ଗାଲୁରୁ – ବିଶାଖାପାଟଣା ହୋଲି ସ୍ପେଶାଲ୍ ବିଶାଖାପାଟଣାରୁ ୯ ମାର୍ଚ୍ଚରୁ ୨୩ ମାର୍ଚ୍ଚ ୨୦୨୫ ମଧ୍ୟରେ ପ୍ରତି ରବିବାର ଦିନ ଅପରାହ୍ନ ୦୩ଘ.୩୦ମି.ରେ ଛାଡି ବେଙ୍ଗାଲୁରୁ ଯାତ୍ରା କରିବ । ଫେରିବା ଦିଗରେ, ଏହି ଟ୍ରେନ ବେଙ୍ଗାଲୁରୁରୁ ୧୦ ମାର୍ଚ୍ଚରୁ ୨୪ ମାର୍ଚ୍ଚ ୨୦୨୫ ମଧ୍ୟରେ ପ୍ରତି ସୋମବାର ଦିନ ଅପରାହ୍ନ ୦୩ଘ.୫୦ମି.ରେ ଛାଡି ବିଶାଖାପାଟଣା ଯାତ୍ରା କରିବ ।ସ୍ପେଶାଲ୍ ଟ୍ରେନଗୁଡ଼ିକର ସେବା ଅଧିକ ବୃଦ୍ଧି ପ ପ ପଉଧନା (ସୁରତ)-ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍: ବ୍ରହ୍ମପୁର-ବିଜିଆନଗରମ୍-ରାୟଗଡ଼ା-ଟିଟିଲାଗଡ଼ ଏବଂ ରାୟପୁର ମାର୍ଗ ଦେଇ ୦୯୦୫୯/୦୯୦୬୦ ଉଧନା (ସୁରତ)-ଖୋର୍ଦ୍ଧା ରୋଡ୍-ଉଧନା ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ ଚଳାଚଳ ଅବଧିକୁ ୨୦୨୫ ଏପ୍ରିଲ ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି ।୦୨୮୩୭/୦୨୮୩୮ ସାନ୍ତ୍ରାଗାଛି-ପୁରୀ-ସାନ୍ତ୍ରାଗାଛି ସାପ୍ତାହିକ ବିଶେଷ ଟ୍ରେନ; ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ଶାଲିମାର ସାପ୍ତାହିକ ସ୍ପେଶାଲ୍ ଏବଂ ୦୮୦୧୧/୦୮୦୧୨ ଭଞ୍ଜପୁର (ବାରିପଦା)-ପୁରୀ-ଭଞ୍ଜପୁର ଦ୍ୱି-ସାପ୍ତାହିକ ସ୍ପେଶାଲ୍ ଟ୍ରେନ ଚଳାଚଳ ଅବଧିକୁ ୨୦୨୫ ଜୁନ୍ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।୦୨୮୧୧/୦୨୮୧୨ ଭୁବନେଶ୍ୱର-ଯଶବନ୍ତପୁର (ବାଙ୍ଗାଲୋର)-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ୍, ୦୮୩୧୧/୦୮୩୧୨ ସମ୍ବଲପୁର-ଏରୋଡ୍ (ତାମିଲନାଡୁ)-ସମ୍ବଲପୁର ସାପ୍ତାହିକ ସ୍ପେଶାଲ୍, ୦୮୫୦୮/୦୮୫୦୭ ବିଶାଖାପାଟଣା-ଶାଲିମାର-ବିଶାଖାପାଟଣା ସାପ୍ତାହିକ ସ୍ପେଶାଲ୍ ଏବଂ ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଦୈନିକ ଚଳାଚଳ କରୁଥିବା ସ୍ପେଶାଲ୍ ଟ୍ରେନ ସେବାକୁ ୨୦୨୫ ଏପ୍ରିଲ୍ ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିପରି, ୦୮୫୮୩/୦୮୫୮୪ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସାପ୍ତାହିକ ସ୍ପେଶାଲ୍ ଟ୍ରେନ ଚଳାଚଳ ଦିବସକୁ ୨୦୨୫ ଏପ୍ରିଲ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ଓଡ଼ିଶା ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛି: କଂଗ୍ରେସ

ଭୁବନେଶ୍ୱର,,୧୨/୩: ରାଜ୍ୟରେ ମହିଳାମାନେ ପ୍ରତି ଅତ୍ୟାଚାର, ଅସଦାଚରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ବହୁମାତ୍ରାରେ ଦିନକୁ ଦିନ ବଢ଼ି ବଢ଼ିଚାଲିଛି। ଏହାର ପ୍ରତିବାଦରେ ଓ ନିରାକରଣ ପାଇଁ ଆଜି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତଚରଣ ଦାସ ଙ୍କ ଆହ୍ୱାନକ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ ଓ ପ୍ରତିବାଦ ସଭା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତିଙ୍କ ପୌରହିତରେ ଆୟୋଜନ ହୋଇଥିଲା। ମହିଳା ଅତ୍ୟାଚର ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ପ୍ରଦେଶ କଂଗ୍ରେସ ସଭାପତିଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟରେ ମହିଳାମାନେ ଆଜି ସଂପୂର୍ଣ୍ଣ ରୂପେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଜନସଂଖ୍ୟାର ୫୦ ପ୍ରତିଶତ ମହିଳା ଏବଂ ଏହି ବର୍ଗଙ୍କୁ ରାଜ୍ୟ ସରକାର ସୁରକ୍ଷା ପ୍ରଦାନ କରୁନାହାନ୍ତି ବା କରିପାରୁନାହାନ୍ତ, ତାହାଲେ କିଭଳି ଏକ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖୁଛନ୍ତି ଓ ଦେଖାଉଛନ୍ତି। ତାହା ଆଜି ବଡ଼ ପ୍ରଶ୍ନବାଚୀ ହୋଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତଚରଣ ଦାସ ଏହି ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେଇ କହିଛନ୍ତି ଆସନ୍ତା ଦିନରେ ରାଜ୍ୟ କଂଗ୍ରେସ ଏ ସରକାରଙ୍କୁ ତିଳେମାତ୍ର ସହ୍ୟ କରିବ ନାହିଁ, ଯେପର୍ଯ୍ୟନ୍ତ ମହିଳାମାନଙ୍କୁ ସଂପୂର୍ଣ୍ଣରୂପେ ସୁରକ୍ଷା ପ୍ରଦାନ କରାଯାଇନାହିଁ। ରାଜ୍ୟରେ ଏହି ୮ମାସର ସରକାର ସମୟରେ ୫୪ଟି ଗଣଧର୍ଷଣ, ଧର୍ଷଣ ଓ ଧର୍ଷଣଜନିତ ମୃତ୍ୟୁ ଘଟିଛି। ରାଜ୍ୟରେ ଏଭଳି ଏକ ଜିଲ୍ଲା ନାହିଁ ଯେଉଁଠାରେ ଏଭଳି ଅମାନୁଷିକ, ବର୍ବର ଓ ପାସବିକ ଅତ୍ୟାଚର ଏ ରାଜ୍ୟର ମା' ଭଉଣୀ ଓ ଛାତ୍ରୀମାନଙ୍କ ଉପରେ ହୋଇନାହିଁ। ମହାମହିମ ରାଷ୍ଟ୍ରପତିଙ୍କ ନିଜ ଜିଲ୍ଲାରେ ଜଣେ ଆଦିବାସୀ ଝିଅଙ୍କ ଧର୍ଷଣ କରାଗଲା, ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାର ଚମ୍ପୁଆ, ତେଲକୋଇ ଅଂଚଳରେ ଷଷ୍ଠ ଓ ନବମ ଶ୍ରେଣୀର ଛାତ୍ରୀଙ୍କୁ ଧର୍ଷଣ ଏବଂ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତି। ଯାଜପୁର ଜିଲ୍ଲାର କନ୍ୟାଶ୍ରମର ଛାତ୍ରୀ ଗର୍ଭବତୀ, ମାଲକାନାଗିରିର ଚିତ୍ରକୁଣ୍ଡାର ମାଟ୍ରିକ୍ ପରିକ୍ଷାତ୍ରୀ ଆଦିବାସୀ ଝିଅଟି ମାତୃତ୍ୱ ଲାଭ କରିବା, ଏହା ଆମ ରାଜ୍ୟର ସାମଗ୍ରିକ ମହିଳାମାନଙ୍କ ସୁରକ୍ଷା ଓ ସ୍ଥିତିପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହାମହିମ ରାଷ୍ଟ୍ରପତି ଏ ସମସ୍ତ ଘଟଣା ତାଙ୍କ ଜ୍ଞାତସାରରେ ଥିବ। କିନ୍ତୁ ଅନ୍ୟରାଜ୍ୟରେ ଘଟୁଥିବା ଘଟଣାକୁ ନିନ୍ଦାକରୁଥିଲାବେଳେ ନିଜ ରାଜ୍ୟରେ ଏଭଳି ସ୍ଥିତି ପ୍ରତି ସାମାନ୍ୟ କର୍ଣ୍ଣପାତ ନ କରିବା ଅତ୍ୟନ୍ତ ଚିନ୍ତାର ବିଷୟ। ମହିଳାମାନଙ୍କୁ ନ୍ୟାୟ ଓ ସୁରକ୍ଷା ଦେବା, ରାଜ୍ୟ କଂଗ୍ରେସର ଏକମାତ୍ର ଦାବି ବୋଲି ସେ ରୋକ୍ ଠୋକ ଶୁଣାଇଛନ୍ତି। ବରିଷ୍ଠ କଂଗ୍ରେସ ନେତା

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଅତିକ୍ଷୋଭ ଓ ଦୁଃଖର ସହିତ କହିଲେ ଯେ, ଗୋଟେ ପଟେ ଏକକୋଟି ସୁଭଦ୍ରାଙ୍କୁ ୫ ହଜାର ଟଙ୍କା ଦେଇ ନିଜକୁ ଭଗବାନ ବୋଲି ଭାବୁଥିବା ଡବଲ ଇଞ୍ଜିନ ସରକାର ଦୟାକରି କହିବେ କି ଆଜି ଶହ ଶହ ସୁଭଦ୍ରାଙ୍କ ପ୍ରତି ପାଶବିକ ଅତ୍ୟାଚାର, ଧର୍ଷଣ ଓ ଗଣଧର୍ଷଣ ଘଟୁଥିଲାବେଳେ ଏ ସରକାର ଚୁପ୍ କାହିଁକି, ଏହା କ'ଣ ଏକ ସରକାରର କର୍ତ୍ତବ୍ୟ କି ? ବେଟି ପଢ଼ାଓ ଓ ବେଟି ବଚାଓର ନାରା ଆଜି କେବଳ ନାରାରେ ରହିଯାଇଛି। ଏ ରାଜ୍ୟର ମହିଳା ଆଜି ସଂପୂର୍ଣ୍ଣ ଅସୁରକ୍ଷିତ। ରାଜ୍ୟ ଆଜି ଏକ ଅପରାଧ ପ୍ରବଣ ରାଜ୍ୟ ବୋଲି ମାନ୍ୟତା ପାଇସାରିଲାଣି। ଏହା ଆମ ଡବଲ ଇଞ୍ଜିନ ସରକାର ସବୁଠାରୁ ବଡ଼ ଉପଲବ୍ଧି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଥିଲେ ଯେ ଆଇନର ତରାଜୁ ଜଣେ ମହିଳାଙ୍କ ହାତରେ। କିନ୍ତୁ ଏ ଡବଲ ଇଞ୍ଜିନର ସରକାର ଏ ପ୍ରତି ଧ୍ୟାନ ଦେଉନାହାନ୍ତି। ରାଜ୍ୟର ମହିଳା ଯେତେ ସୁରକ୍ଷିତ ହେବେ ରାଜ୍ୟ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସେତେ ମଜଭୂତ ହେବ। ରାଜ୍ୟରେ ଆଦିବାସୀ ସ୍କୁଲ ଛାତ୍ରମାନଙ୍କ ପ୍ରତି ହେଉଥିବା ଦୁଷ୍କର୍ମ ଓ ଗଣଦୁଷ୍କମ ସାରା ଦେଶରେ ରାଜ୍ୟକୁ ବଦନାମ କରିଛି। କିନ୍ତୁ ଏ ବାବଦରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଜେପି ଦଳର କୌଣସି ନେତା ମୁହଁ ଖୋଲୁନାହାନ୍ତି। ପୂର୍ବତନମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ କଟୁସମାଲୋଚନା କରି କହିଥିଲେ ଯେ, ରାଜ୍ୟରେ ମହିଳାମାନଙ୍କ ପ୍ରତି ହେଉଥିବା ସଂଗୀନ ଅପରାଧ ଓ ଅତ୍ୟାଚାର ଆଜି ବିଜେପି ଦଳର ମନୁବାଦି ଚିନ୍ତାଧାରାର ମୁଖ୍ୟକାରଣ ବୋଲି କହିଥିଲେ। ବିଜେପି ଦଳ ମନୁବାଦି ଚିନ୍ତାଧାରାରେ ଓ ଆଦର୍ଶରେ ଅନୁପ୍ରାଣିତ। ତେଣୁ ମନୁବାଦିମାନେ ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରନ୍ତି ନାହିଁ। ମହିଳା ମଧୁସ୍ମିତା ଆଚାର୍ଯ୍ୟ, ପ୍ରଭାବତି ପଟ୍ଟନାୟକ, ନିରୁପମା ପାତ୍ର, ଶ୍ରୀୟା ମହାନ୍ତି ଓ ବହୁ ମହିଳା କଂଗ୍ରେସ ନେତ୍ରୀମାନେ ଆଜି ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅପରାଧକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟ ସରକାର ତୁରନ୍ତ ଏହାର ନିରାକରଣ ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ସେହିଭଳି ଭାବରେ ବରିଷ୍ଠ କଂଗ୍ରେସ ନେତା ଅନନ୍ତ ସେଠୀ ଓ ଦେବାଶିଷ ପଟ୍ଟନାୟକ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟଚାର ବିରୁଦ୍ଧରେ ବିକ୍ଷୋଦ୍‌ଗାର କରିଥିଲେ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାସ ତାଙ୍କ ନିଜ ବକ୍ତବ୍ୟରେ କହିଥିଲେ ଯେ ଯେପର୍ଯ୍ୟନ୍ତ ମହିଳାମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କରାଯାଇପାରିବ ନାହିଁ, ସେ ପର୍ଯ୍ୟନ୍ତ ରାଜ୍ୟ କେବେହେଲେ ଏକ ବିକଶିତ ରାଜ୍ୟ ହୋଇପାରିବ ନାହିଁ ବୋଲି କହିଥିଲେ। ବିଶେଷ କରି ଆଦିବାସୀ ଓ ଅନୁସୂଚିତ ଜାତି ଓ ଜନଜାତିର ମହିଳାମାନଙ୍କ ପ୍ରତି ହେଉଥିବା ଦୁଷ୍କର୍ମକୁ କେବେ ବରଦାସ୍ତ ରାଜ୍ୟ କରିବ ନାହିଁ। ରାଜ୍ୟରେ ଏ ୮ ମାସ ଭିତରେ ମହିଳାଙ୍କ ପ୍ରତି ହେଉଥିବା ୧୬ ଶହ ସଂଗୀନ ଅପରାଧ ବିଭିନ୍ନ ଥାନାରେ ପଞ୍ଜିକୃତ ହୋଇଛି। ଏ ସରକାର ବିରୁଦ୍ଧରେ ଏ ଲଢ଼େଇ ଆରମ୍ଭ ମାତ୍ର। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ସୁବ୍ରତ ମହାପାତ୍ର, ଶୁଭେନ୍ଦୁ ମହାନ୍ତି,ମାନସ ଆଚାର୍ଯ୍ୟ, ମିହିର ଆଚାର୍ଯ୍ୟ, ମାନସୀ ଦାସ ପଟ୍ଟନାୟକ, ଗୀତାଞ୍ଜଳି ମହାନ୍ତି, ସ୍ନେହା ଜେନା, ଅଶୋକ ଦାସ, ପ୍ରଶାନ୍ତ ଚମ୍ପତି, ଆଶିଷ ମଲ୍ଲିକ, ରଜନୀ ମହାନ୍ତି ଓ ଅନ୍ୟମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ମନୋରଞ୍ଜନ ଦାଶ, ୟାସିର ନଓ୍ୱାଜ, ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ, ମହମ୍ମଦ ଇମଦାଦ, ପ୍ରକାଶ ଜେନା, କୁସୁମ ପ୍ରଧାନ, ଚୈତାଳି ପଟ୍ଟନାୟକ, ଶ୍ରୀୟାସ୍ମିତା ପଣ୍ଡା, ପ୍ରାଚୀ ରାଉତରାୟ, ଅଞ୍ଜଳି ସାହୁ, କିରଣ ସାହୁ, ନଜିବୁର ରେହମାନଖାନ, ଦେଓ ପ୍ରସାଦ, ପ୍ରସନ୍ନ ନାୟକ, ପ୍ରକାଶ ଜେନା, ସେକ ତାକଓ୍ୱିମ, ମନୋଜ ସାହୁ, ବଳରାମ ନନ୍ଦ, ସୌମେନ୍ଦ୍ର ମହାନ୍ତି, ପ୍ରଶାନ୍ତ ଶତପଥି, ସତ୍ୟବ୍ରତ ନାୟକ, ସଂକୁନା କହଁର, ଅମିୟ ପଟ୍ଟନାୟକ, ଦୀପକ ସାହୁ, ପ୍ରଭାତ ପ୍ରତାପ ସିଂ, ଦିଲ୍ଲୀପ ସ୍ୱାଇଁ, ସେକ ସାହାଦୁଲ୍ଲା, ମଂଟୁ ମଲ୍ଲିକ, ପ୍ରଶନ୍ନ ପାଇକରାୟ, ଜୟକୃଷ୍ଣ ମଲ୍ଲିଆ, ଖଗେଶ୍ୱର ମଲ୍ଲିକ, କୃଷ୍ଣଚନ୍ଦ୍ର ପତି ଓ ଆତ୍ମାରାମ ପତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ବରଗଡ଼- ନୂଆପଡ଼ା ରୋଡ୍ ରେଳ ଲାଇନ ଭାୟା ପଦମପୁର ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି

ଭୁବନେଶ୍ୱର ,୧୨/୩: ବରଗଡ଼ ରୋଡ୍- ନୂଆପଡ଼ା ରୋଡ୍ ନୂତନ ରେଳପଥ ଭାୟା ପଦମପୁର ପ୍ରସ୍ତାବିତ ରେଳପଥର ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତୁତିରେ ପୂର୍ବତଟ ରେଳପଥ ଦ୍ରୁତ ଅଗ୍ରଗତି କରୁଛି । ଏହା ଏକ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଯାହାର ଲକ୍ଷ୍ୟ ହେଉଛି ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍

ଜିଲ୍ଲା ସମବାୟ ବିଭାଗ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବଣାଇ, ୧୨/୩(ନି.ପ୍ର): ଆନ୍ତର୍ଜାତୀୟ ମହିଳା ଦିବସ ତଥା ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଆଜି ଜିଲ୍ଲା ସମବାୟ ବିଭାଗ ଆନୁକୂଲ୍ୟରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହାର ଶୀର୍ଷକ ରହିଥିଲା 'ସମବାୟ ସୁଦୃଢ଼ୀକରଣରେ ମହିଳାଙ୍କ ଅବଦାନ' । ଏହି ସଚେତନତା ପଦଯାତ୍ରା କୁ ସୁନ୍ଦରଗଡ଼ ପୌର ପରିଷଦ ର ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର , ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ ଶୁଭାରମ୍ଭ କରିଥିଲେ । ଡି ଆର୍ ସି ଏସ ଶ୍ରୀ ଉମା ଶଙ୍କର ଦାସ ଙ୍କ ଦ୍ୱାରା ସଂଯୋଜିତ ଏହି କାର୍ଯ୍ୟକ୍ରମରେ ସମବାୟ ସହ ସଂଶ୍ଳିଷ୍ଟ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଏ ଆର ସି ଏସ, ଜିଲ୍ଲାର ସ୍ତରୀୟ ଅଧିକାରୀ, ଅନ୍ୟ କର୍ମଚାରୀ ତଥା ସମବାୟପ୍ରେମୀ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ପରେ ପରେ ସୁନ୍ଦରଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା । ଏହି ଅବସରରେ ମହିଳା ସଶକ୍ତିକରଣ ଉପରେ ଆଲୋଚନା କରାଯାଇଥିଲା ଏବଂ ସମବାୟ ଆନ୍ଦୋଳନରେ ମହିଳାଙ୍କ ଉଲ୍ଲେଖନୀୟ ଅଂଶ ଗ୍ରହଣ କୁ ଭୂୟସି ପ୍ରଶଂସା କରାଯାଇଥିଲା । ଏହି ଅବସର ରେ ପାଲା ମାଧ୍ୟମରେ ସମବାୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା, ସମବାୟ ବର୍ଷ ସାରା ପାଳନ ହେବାକୁ ଥିବା ବିଭିନ୍ନ ସମବାୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ ନିମନ୍ତେ ବାର୍ତ୍ତା ଦିଆଯାଇଥିଲା ଏବଂ ଶେଷରେ ମହିଳା ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ବଣାଇଁକୁ ଜିଲ୍ଲା ଘୋଷଣା ଦାବୀ ତେଜିଲା

ବଣାଇଁ,୧୨/୩(ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାର ବଣାଇଁକୁ ତୁରନ୍ତ ଜିଲ୍ଲା ଘୋଷଣା କରାଯାଉ । ବଣାଇଁ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏଭଳି ଦାବି ଏବେ ତେଜିବାରେ ଲାଗିଛି । ଦାବି ସଫଳ କରିବା ଉଦ୍ଦେଶ୍ୟରେ କମିଟି ପକ୍ଷରୁ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ରେ ଏକ ସଭା ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ଅଧ୍ୟକ୍ଷତା ତଥା ସଂଯୋଜକ ତପନ କୁମାର ଦଣ୍ଡିଆଙ୍କ ଆବାହକତ୍ୟ ରେ ଉପଖଣ୍ଡର ସର୍ବଦଳୀୟ ନେତୃମଣ୍ଡଳୀ ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତି ରେ ଆୟୋଜିତ ହୋଇଛି । ଏଠାରେ ବଣାଇଁକୁ ଜିଲ୍ଲା ଦାବି ସମ୍ପର୍କରେ କର୍ମକର୍ତ୍ତାମାନେ ମତ ଉପସ୍ଥାପନ କରିଥିଲେ । କମିଟି ର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ବଣାଇଁର ଭୌଗଳିକ ସ୍ଥିତି ଐତିହ୍ୟ, ପରମ୍ପରା ଓ ଇତିହାସ କୁ ବିଚାର କରି ଜିଲ୍ଲା ଦାବୀ ଯଥାର୍ଥ ଦାବୀ ବୋଲି କମିଟି ପକ୍ଷ ରୁ କୁହା ଯାଇଛି । ଏହାସହ ଏକ ପ୍ରତିନିଧି ମଣ୍ଡଳୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ବଣାଇଁକୁ ଜିଲ୍ଲା ଘୋଷଣା ନିମନ୍ତେ ଦାବୀ ପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ବଣାଇଁ ବିଧାୟକ ଙ୍କ ସମେତ ବଣାଇଁ ର ବରିଷ୍ଠ ନାଗରିକ ରାହାସ ବିହାରୀ ପ୍ରଧାନ, ମନୋଜ ପ୍ରଧାନ, ଅନିରୁଦ୍ଧ ତ୍ରିପାଠୀ, ରୁଦ୍ର ଚରଣ ବେହେରା, ପ୍ରଦ୍ୟୁମ୍ନ ତ୍ରିପାଠୀ, ଶିକ୍ଷାବିତ ତପନ କୁମାର ଦଣ୍ଡିଆ,ଜିଲ୍ଲା ସରପଞ୍ଚ ସଂଘ ସଭାପତି ଉଗ୍ରସେନ କିସାନ, ତପନ କୁମାର ମିଶ୍ର, ବିଭୂତି ଭୂଷଣ ମିଶ୍ର,ତନୁ ଚନ୍ଦ୍ର ପ୍ରଧାନ, ପ୍ରଦୀପ କୁମାର ସାହୁ, ଅମନ୍ତ କୁମାର ମାହାନ୍ତ, ପ୍ରଦୀପ କୁମାର ଜିତ୍, ବାବୁଲି ବେହେରା, ସତ୍ୟ ନାରାୟଣ ମିଶ୍ର, ଜୀମୁତେଶ୍ୱର୍ ପ୍ରଧାନ, ଭୁବନେଶ୍ୱର ସାହୁ, ଶ୍ରୀକାନ୍ତ ଦଣ୍ଡିଆ, କାର୍ତ୍ତିକ ଚନ୍ଦ୍ର ସାହୁ, ହରିଶଙ୍କର ସେନାପତି, ସୁରେନ୍ଦ୍ର କୁମାର ସାହୁ, ଆହ୍ଲାଦ କୁମାର ବଢ଼େଇ, ତହସିଲଦାର ପାତ୍ର, ତୁଷାର କାନ୍ତ ସାହୁ, ରମେଶ ଚନ୍ଦ୍ର ଦଣ୍ଡିଆ, ସିରାଜ ଖାଁନ, କ୍ଷମାକର ସାଥୁଆ, ଅବିନାଶ ବ୍ରହ୍ମ, ଜିତେନ୍ଦ୍ରିୟ ପ୍ରଧାନ, ବଳଭଦ୍ର ପ୍ରଧାନ, ଯତୀନ କୁମାର ମାହାନ୍ତ, ସୁରଜ୍ ସେଠ୍, ପ୍ରଦୀପ କୁମାର ପ୍ରଧାନ, ଅଭିରାମ ମହାକୁଳ, କବି ଚନ୍ଦ୍ର ମାହାନ୍ତ, ସରୋଜ କୁମାର ସାହୁ, ତପନ ସାହୁ, ପିଙ୍କୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ବଣାଇଁ ଉପଖଣ୍ଡର ୪ଟି ବ୍ଲକର ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା ଓ ଅନ୍ୟ ବ୍ୟକ୍ତିବିଶେଷ ପ୍ରମୁଖ ଯୋଗଦେଇ ସେମାନଙ୍କ ଦାବି ଉପସ୍ଥାପନ କରିଥିଲେ । ବଣାଇଁକୁ ଯଥାଶୀଘ୍ର ଜିଲ୍ଲା ଘୋଷଣା ଦାବି ପାଇଁ ଏକସ୍ୱରରେ ଦାବି ଉଠାଇବାକୁ ନିଷ୍ପତ୍ତି ନେଇଥିଲେ । ଏହି ପରିପ୍ରେକ୍ଷୀରେ ସର୍ବ ସମ୍ମତି କ୍ରମେ ବଣାଇଁ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ର ଆବାହକ ଭାବେ ଶିକ୍ଷାବିତ୍ ତଥା ସମାଜସେବୀ ତପନ କୁମାର ଦଣ୍ଡିଆ ଙ୍କୁ ଚୟନ କରାଯାଇଥିଲା । କମିଟି ର ସଂଯୋଜକ ଭାବେ ବିଭୂତି ଭୂଷଣ ମିଶ୍ର ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।କମିଟି ର ସଭାପତି ଭାବେ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଚୟନିତ ହୋଇ ଥିବା ବେଳେ ଉପ ସଭାପତି ଭାବେ ମନୋଜ ପ୍ରଧାନ, ଅଭିରାମ ମହାକୁଳ ଚୟନିତ ହୋଇ ଥିଲେ ।

କୋଷାଧ୍ୟକ୍ଷ ଭାବେ ରମେଶ ଚନ୍ଦ୍ର ଦଣ୍ଡିଆ ଙ୍କୁ ଦାୟିତ୍ୱ ଦିଆ ଯାଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀ ରେ ରାହାସ ବିହାରୀ ପ୍ରଧାନ, ପ୍ରଦ୍ୟୁମ୍ନ ତ୍ରିପାଠୀ, ଅନିରୁଦ୍ଧ ତ୍ରିପାଠୀ ଓ ଶ୍ରୀକାନ୍ତ ଦଣ୍ଡିଆ ପ୍ରମୁଖ ସ୍ଥାନ ପାଇ ଥିବା ବେଳେ ଉଗ୍ରସେନ କିସାନ ଙ୍କୁ ପ୍ରବକ୍ତା ଭାବେ ଚୟନ କରାଯାଇଛି । ସୂଚନାଯୋଗ୍ୟ କି, ବଣାଇଁକୁ ଜିଲ୍ଲା ମାନ୍ୟତା ଦାବିକୁ ବଣାଇଁ ଉପଖଣ୍ଡର ସମସ୍ତ ଜନସାଧାରଣଙ୍କ ବିପୁଳ ସମର୍ଥ ନ ଦେଖିବାକୁ ମିଳିଛି । ପୂର୍ବ ସରକାର ସମୟ ରେ ବଣାଇଁ କୁ ଜିଲ୍ଲା ଘୋଷଣା ଦାବିରେ ବଣାଇଁ ଉପଖଣ୍ଡର ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

ଦୀର୍ଘ ଦିନରୁ ଏହି ଦାବି ଉପସ୍ଥାପନ କରାଯାଇ ଆସୁଛି । ହେଲେ ପୂର୍ବ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ନୂତନ ସରକାର ନିଶ୍ଚିତ ବଣାଇଁ ବାସୀ ଙ୍କ ଭାବାବେଗ କୁ ହୃଦବୋଧ କରିବେ ବୋଲି ଅଞ୍ଚଳ ବାସୀ ଆଶାବାଦୀ ଅଛନ୍ତି । ଦାବୀ ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି ।

ବଜରଙ୍ଗୀ ଦଳର ସାଙ୍ଗଠନିକ ବୈଠକ

ଦିଗପହଣ୍ଡି :୧୨/୩(ନି.ପ୍ର): ଦିଗପହଣ୍ଡି ବ୍ଲକ ପଦ୍ମନାଭ ପୁର ଗ୍ରାମ ଉପକଣ୍ଠ ଶନି ମନ୍ଦିର ପ୍ରାଙ୍ଗଣରେ ରବିବାର ସଂନ୍ଧ୍ୟାରେ ବଜରଙ୍ଗୀ ଦଳର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବଜରଙ୍ଗୀ ଦଳ ରାଜ୍ୟ ସଂଯୋଜକ ରାଜୀବ ଖାଡ଼ଙ୍ଗା ମୁଖ୍ୟ ଅତିଥି ଏବଂ ଜିଲ୍ଲା ସଂଯୋଜକ ଅଜୟ ବେହେରା ସଂମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ । ଆଗାମୀ ଦିନର ସଂଗଠନ ସୁଦୃଢ କରିବା ପାଇଁ ବକ୍ତାମାନେ ଗୁରୁମନ୍ତ୍ର କରିଥିଲେ ।ଏହି ବୈଠକରେ ମୁନା ଚୌଧୁରୀ, ପି କୁରେଶ୍ରୁ,ବଦ୍ରି ନାରାୟଣ ପାତ୍ର,ବାଳକୃଷ୍ଣ ପାତ୍ର, ବାବୁ ଗୌଡ଼,ଏନ.ପ୍ରକାଶ ପାତ୍ର,ରାଜେନ୍ଦ୍ର ସେଠୀ,ଭଗବାନ ସେଠୀ,ସନ୍ତୋଷ ଗୁରୁପ୍ରସାଦ,କେ.ଫକୀର ରେଡି ପ୍ରମୁଖ ଜାନି,ଅଶୋକ ସେଠୀ,ପି ଯୋଗଦାନ କରିଥିଲେ ।

ସୁନ୍ଦରଗଡ ଓ କେନ୍ଦୁଝର ସୀମା ବର୍ତ୍ତି ଅଞ୍ଚଳରେ ବେଆଇନ୍ ପାର୍କିଂ ଯୋଗୁଁ ଲୋକ ହେଲେଣି ହନ୍ତସନ୍ତ

ବଣାଇ୧୨/୩(ନି.ପ୍ର):କେନ୍ଦୁଝର ଜିଲ୍ଲା ଟାଟା ଷ୍ଟିଲ ଖଣ୍ଡବନ୍ଧ ଖଣି ପାଇଁ ହନ୍ତସନ୍ତ ଜନସାଧାରଣ ଓ ନିରୀହ ଗାଡ଼ି ଚାଳକ ୩ଦିନ ରୁ ଅଧିକ ହେଲାଣି ଫସି ରହିଛି ହାହାର ହଜାର ଭାରୀଯାନ, ଡ୍ରାଇଭର ହେଲଫର ଜୀବନ ବଞ୍ଚାଇବା ପାଇଁ ଏକ ମାତ୍ର ସାହାରା ସାଜିଛି ଆଇସ କ୍ରିମ ସୁନ୍ଦରଗଡ ଜିଲ୍ଲା କୋଇଡା ବ୍ଲକ୍ ମାଲଦା ପଂଚାୟତ ୧୦ରୁ ଅଧିକ ଗ୍ରାମ ବାସି ମଧ୍ୟ ନାହିଁନ ଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ଗୋଟେ ପଟେ ଖଣି ର ରାଜସ୍ୱ ଆଉ ଗୋଟେ ପଟେ ଶିକ୍ଷା ର ଭବିଷ୍ୟତ ଏବେ ସ୍ଥାନୀୟ ଅଞ୍ଚଳ ରେ ମୁଣ୍ଡ ବ୍ୟଥା ର କାରଣ ପାଲଟିଛି କୋଇଡା ଓ କେନ୍ଦୁଝର ଖଣି ଅଞ୍ଚଳରେ ପ୍ରତ୍ୟେକ ଦିନ ସ୍ଥାନୀୟ ଟାଟା ଷ୍ଟିଲ, ଖଣିର ବେଆଇନ ପାର୍କିଂ ଯୋଗୁ ହଜାର ହଜାର ଭାରି ଯାନ କେନ୍ଦୁଝର ଖଣ୍ଡବନ୍ଦ ଖଣି ଠାରୁ କଳମଙ୍ଗ,ପର୍ଯ୍ୟନ୍ତ ରାସ୍ତା କଡ଼ରେ ଛିଡ଼ା ହୋଇ ରାସ୍ତା କୁ ପୁରା ପୁରି ବ୍ଲକ୍ କରିକି ରଖିଛନ୍ତି ଚାରିଚକିଆ ଯାନ ତ ଯିବାର ଦୂରର କଥା ଦୁଇ ଚକିଆ ଯାନ ଯିବା ଅସମ୍ଭବ ହୋଇପଡୁଛି । କେନ୍ଦୁଝର ପ୍ରଶାସନ ଟିକେ ଚିନ୍ତା କରନ୍ତୁ ଏ ରାସ୍ତାରେ କିପରି ଭାବରେ ଆମ୍ବୁଲାନ୍ସ ପଥଚାରୀ ସ୍କଲ ଛାତ୍ର ଛାତ୍ରୀ ଯାତ୍ରୀ ବାହି ବସ୍ ଯାଇପାରିବ ! ଗଣ୍ଡୁଆଁ ଠାରୁ କଳମଙ୍ଗ ଓ ଗଣ୍ଡୁଆଁ ଠାରୁ ଯୋଡ଼ା କୁ ସଂଜଗ କରୁଥିବା ମୁଖ୍ୟ ରାସ୍ତା ଏବେ ଖଣ୍ଡବନ୍ଦ ଟାଟା ଖଣି ର ବେଆଇନ ପାର୍କିଂ ନୀତିଦିନିଆ ଘଟଣା କିନ୍ତୁ ଏଠି କେନ୍ଦୁଝର ଜିଲ୍ଲା ପ୍ରଶାସନ ଠୁ ନେଇ ବାବେବାରି ପୋଲିସ ପ୍ରଶାସନ ନୀରବ, ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷ ଙ୍କର ଭିତରେ ମଧୁଚନ୍ଦ୍ରିକା ରହିଛି କି ଏହା ସ୍ଥାନୀୟ ଜନସାଧାରଣ ଙ୍କ ମନରେ ପ୍ରଶ୍ନ ବାଚୀ ସୃଷ୍ଟି ହେଉଛି ଆମ ଖବର ମଧ୍ୟମ ରେ ସରକାର୍ ଙ୍କୁ ଅନୁରୋଧ କରିବୁ ବେଆଇନ୍ ପାର୍କିଂ କୁ ଟିକେ ଦୃଷ୍ଟି ଦିଅନ୍ତୁ ନ ହେଲେ ଆଗାମୀ ଦିନର କେନ୍ଦୁଝର ଓ ସୁନ୍ଦରଗଡ଼ ସୀମାବର୍ତ୍ତୀ ଅଂଚଳ ଗଣ୍ଡୁଆଁ ଓ ୧୦ରୁ ଅଧିକ ଗ୍ରାମ ବାସିଆନ୍ଦୋଳନ କରିବାକୁ ସଜବାଜ ହେଲେଣି ।

ଆମପାଣି ଗ୍ରାମ ପଞ୍ଚାୟତକୁ ବ୍ଲକ ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଭବାନୀପାଟଣା ତା ୧୨/୩(ଜଗନ୍ନାଥ ଏକ୍ସପ୍ରେସ୍)ରାଜ୍ୟ ସରକାର ନୂତନ ବ୍ଲକ ଓ ପଂଚାୟତ ଗଠନ ନିମନ୍ତେ ନିକଟ ଅତୀତରେ ଗଣ ମାଧ୍ୟମରେ ଖବର ପ୍ରସାରିତ ହେବାପରେ ବହୁତ ଦିନରୁ ଆଶାବାନ୍ଧି ରହିଥିବା ଗ୍ରାମ ପଂଚାୟତ ଗୁଡିକ କସରତ ଆରମ୍ଭ କରିଦେଇଛନ୍ତି । ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନବରଙ୍ଗପୁର ଜିଲ୍ଲା ସୀମାରେ ଅବସ୍ଥିତ ଆମପାଣି ଠାରେ ବ୍ଲକ ସ୍ଥାପନା ନେଇ ବୁଧବାର ପୂର୍ବାହ୍ନ ୧୨ଟା ରେ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ୧୦ଟି ପଂଚାୟତବାସୀ କଳାହାଣ୍ଡି ଜିଲ୍ଲାପାଳଙ୍କ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ମାନେ ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ର ପ୍ରଦାନବେଳେ ୧୦ଟି ପଂଚାୟତ ଯଥା କୋକସରା ବ୍ଲକ ଅଧୀନ : ୧. ଆମପାଣି, ୨. କାଉଡୋଳା, ୩. ବଡପୋଡଗୁଡା, ୪. ବରଡ଼ଙ୍ଗା, ୫. ଡୁଡୁକାଠେଙ୍ଗା, ୬. ମହିମା, ୭. ସାନ ପୋଡ଼ଗୁଡା, ୮. ଗୋତମୁଣ୍ଡା ଓ ୯. ଜୟପାଟଣା ବ୍ଲକ ଅନ୍ତର୍ଗତ ବଡ ପୂଝରୀଗୁଡ଼ା ଏବଂ ୧୦. ଉଚ୍ଚଳା ଗ୍ରାମ ପଞ୍ଚାୟତ ରହିଛନ୍ତି । ବୁଧବାର ଦିନ ଆମପାଣି ବ୍ଲକ କ୍ରିୟାନୁଷ୍ଠାନ କମିଟିର ଆବାହକ ବିଘ୍ନେଶ୍ୱର ନାଏକ, ସଭାପତି ଗୋପୀଚନ ନାଏକ, ଉପସଭାପତି ବିଘ୍ନେଶ୍ୱର ନାଏକ, ଟିକିଚନ୍ଦ୍ର ମାଝୀ, କୃଷ୍ଣ ଚନ୍ଦ୍ର ମାଝୀ, ପ୍ରଦୀପ କୁମାର ସାହୁ, ମାନିରାଜ ବାଣୁଆ, ମଧୁବନ ପାତ୍ର କାର୍ଯ୍ୟକାରୀ ସଭାପତି ରତୁରାଜ ମାଝୀ, ସମ୍ପାଦକ ଧନୁ ଦୁର୍ଗା, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ, ମନୋରଞ୍ଜନ ବାଣୁଆ, ଆଇନଜୀବୀ ମନୋଜ ନାଏକ, ଖଗେଶ୍ୱର ପ୍ରଧାନୀ, ଚକ୍ରଧର ବେଶ୍ରା, ସନ୍ତୋଷ କୁମାର ମାଝୀ, ଲକ୍ଷ୍ମୀଧର ମେହେର, ବିଜୟ କୁମାର ପଣ୍ଡା, ଜଗଦିଶ ଚନ୍ଦ୍ର ନାଏକ, ତ୍ରିଲୋଚନ ବେଶ୍ରା ସମେତ ଆମପାଣି ଅଂଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ । ଜିଲ୍ଲାପାଳ କ୍ରିୟାନୁଷ୍ଠାନ କମିଟିର ଦାବିକୁ ଗ୍ରହଣ କରି ଅଧଘଣ୍ଟା କାଳ ଅଂଚଳର ପାରିପାର୍ଶ୍ୱିକ ଓ ଭୌଗଳିକ ସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହ ଏହି ଦାବୀ ଉପରେ ଗୁରୁତର ସହ ବିଚାର କରି ଯଥାସମ୍ଭବ ପଦକ୍ଷେପ ନିଆଯିବବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

ଧାମନଗରବାସୀଙ୍କ ପାଇଁ ଚଳିବ ବୈତରଣୀ ବନ୍ୟା ଦୁର୍ଦ୍ଦଶା

ଏସକେଫର ସୁରକ୍ଷା ଓ ସୁଦୃଢ଼ିକରଣ ପ୍ରାଚୀର ଶିଳାନ୍ୟାସ କଲେ ମନ୍ତ୍ରୀ

ଧାମନଗର, ୧୨/୩(ନି.ପ୍ର): ପ୍ରତିବର୍ଷ ବୈତରଣୀର ଉପର ମୁଣ୍ଡ କେନ୍ଦୁଝର ଓ ଆନନ୍ଦପୁର ଅଞ୍ଚଳରେ ଅଧିକ ବର୍ଷା ହେଲେ ଭୟ ଓ ଆଶଙ୍କାରେ ରୁହନ୍ତି ଧାମନଗରବାସୀ । ଆଖୁଆପଦା ଠାରେ ବୈତରଣୀ ନଦୀର ଜଳସ୍ତର ବିପଦ ସଂକେତ ଟପିଲେ ସୋହୋଡା ପଞ୍ଚାୟତ ଠାରେ ଗୌରାଙ୍ଗପୁର ଓ ଆନନ୍ଦପୁର ପଞ୍ଚାୟତ ଉତ୍ତେଇପୁର ଠାରେ ଥିବା ମଲ୍ଲୀମାହାରା ଏସକେପରେ ଉଦବୃତ ଜଳ ବାମପାର୍ଶ୍ୱରେ ଅଧିକ ପ୍ରବାହିତ ହେବା ସହ ବନ୍ଧ ଭାଙ୍ଗିଥାଏ ।

ଯାହା ଫଳରେ ଧାମନଗର ଅଞ୍ଚଳରେ ଦେଖାଦିଏ ଭୟାବହ ବନ୍ୟା ବିଭୀଷିକା । ଏହି ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ବୈତରଣୀ ନଦୀର ବାମପାର୍ଶ୍ୱ ବନ୍ଧ ଓ ଉପରୋକ୍ତ ଦୁଇ ଏସକପର ସୁରକ୍ଷା ଏବଂ ସୁଦୃଢ଼ିକରଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ବିଭିନ୍ନ ମହଲରୁ ଦାବି ହେଉଥିଲା । ଏଭଳି ସମ୍ବେଦନଶୀଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଛି ।

ଧାମନଗର ବିଧାୟକ ତଥା ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ଥିତପ୍ରଜ୍ଞଙ୍କ ପ୍ରତ୍ୟକ୍ଷ ପ୍ରଚେଷ୍ଟା ଫଳରେ ଗୌରାଙ୍ଗପୁରର ପ୍ରାୟ ୯୧ ମିଟର ଲମ୍ବର ଏସକେପ ସୁଦୃଢ଼ୀକରଣ ଓ ପ୍ରାଚୀର ନିର୍ମାଣ ପାଇଁ ୨ କୋଟି ୮ଲକ୍ଷ ୧୫ ହଜାର ୭୧୧ ଟଙ୍କା ଓ ୯୨ ମିଟର ଲମ୍ବ ମଲ୍ଲୀମାହାରା ଏସକେପ ପାଇଁ ୨ କୋଟି ୧୧ ଲକ୍ଷ ୯୨ ହଜାର ୫୭୨ ଟଙ୍କା ବ୍ୟୟ ବରାଦ ହୋଇଛି ।ଏହି ଦୁଇ ଏସକେପର ସୁରକ୍ଷା ଏବଂ ସୁଦୃଢ଼ିକରଣ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଉପଲକ୍ଷେ ଶନିବାର ଅପରାହ୍ନରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମନ୍ତ୍ରୀ ଶ୍ରୀମାନ ସୂର୍ଯ୍ୟବଂଶୀ ଭବ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ମନ୍ତ୍ରୀଙ୍କ ଏଭଳି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳ ସମେତ ବହୁ ବୁଦ୍ଧିଜୀବୀ ସ୍ୱାଗତ ଓ ପ୍ରଶଂସା କରିଛନ୍ତି ।ଧାମନଗର ଜଳ ସେଚନ ବିଭାଗ ଅଧିକାରୀ ବିଜୟ କୁମାର ସେଠୀ, ସହକାରୀ ଯନ୍ତ୍ରୀ କିଶୋର କୁମାର ଦାସ, ସ୍ୱାଗତ କୁମାର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚଳନା କରିଥିଲେ ।

ହସ୍ତତନ୍ତ ବୟନ ଓ ହସ୍ତଶୀଳ୍ପ ବିଭାଗର କାରିଗର ସଚେତନତା ଶିବିର

କେନ୍ଦ୍ରାପଡ଼ା(୧୨/୦୩)କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନହଲ ପରିସରରେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶୀଳ୍ପ ବିଭାଗ ପକ୍ଷରୁ କାରିଗର ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଛି କ୍ଷ କେନ୍ଦ୍ରାପଡ଼ା ହସ୍ତଶିଳ୍ପ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଶିବିରକୁ ହସ୍ତଶୀଳ୍ପ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଓଡିଶା ଗ୍ରାମ୍ୟ ବ୍ୟାଙ୍କ ର ଜିଲ୍ଲା ସଂଯୋଜକ ରାକେଶ କୁମାର ଦାଶ, ଓରମାସ ର ଡେପୁଟି ସିଇଓ ନିରୋଦ କୁମାର ଜେନା, ଓଏଲଏମ ର ଡିପିଏମ ପ୍ରଶାନ୍ତ କୁମାର ପାଢ଼ୀ, ରାଜ୍ୟ ପୁରସ୍କାର ପ୍ରାପ୍ତ ପଟ୍ଟଚିତ୍ର ହସ୍ତଶିଳ୍ପୀ ପ୍ରିୟବ୍ରତ ଜେନା, କାଇଁଚ ହସ୍ତଶିଳ୍ପୀ ବିଜୟାଲକ୍ଷ୍ମୀ ସ୍ୱାଇଁ ଅତିଥି ଭାବେ ମଞ୍ଚାସୀନ ଥାଇ ହସ୍ତଶିଳ୍ପୀମାନଙ୍କୁ

ସଂପାଦକୀୟ

ଚିନ୍ତା କରିବା ଆବଶ୍ୟକ

ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ସ୍ୱାଧୀନତା ପରଠାରୁ ଓଡ଼ିଶା ବହୁ ଘାତ ପ୍ରତିଘାତ ଦେଇ ଗତି କରି ଆସିଛି । ଆମ ରାଜ୍ୟରେ ଆମ ଖଣିଜ ସଂପଦର ଉପଯୁକ୍ତ ବିନିଯୋଗ ହୋଇ ପାରୁନଥିବାରୁ ଖୁବ୍ କମ୍ ମୂଲ୍ୟରେ ଆମ ଖଣିଜ ସଂପଦ ବାହାରକୁ ରପ୍ତାନୀ ହୋଇ ସେଠାରେ ଅର୍ଥନୈତିକ ଅଭିବୃଦ୍ଧି ହେବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି । ଅନେକ ବର୍ଷ ତଳୁ କେତେକ ବୃହତ୍ କମ୍ପାନୀ ଆମ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗେଇ ଆସୁଛନ୍ତି । କଳିଙ୍ଗନଗର ଶିଳ୍ପ ପ୍ରକଳ୍ପ ଭଳି ସାରା ରାଜ୍ୟରେ ବ୍ୟାପକ ଶିଳ୍ପ ପ୍ରସାର ଓଡ଼ିଶା ପ୍ରଗତିର ସଂକେତ ହୋଇଛି । ରାଜ୍ୟର ଉପକୂଳରେ ଗୋଟିଏ ପରେ ଗୋଟିଏ ବନ୍ଦର ପ୍ରତିଷ୍ଠା, ପର୍ଯ୍ୟଟନ ଶିଳ୍ପର ଦ୍ରୁତ ବିକାଶ, କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ, ରାସ୍ତାଘାଟର ନବୀକରଣ-ନିର୍ମାଣ ଭଳି ବହୁ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ, ସେତୁ ନିର୍ମାଣ ଭଳି ଗମନାଗମନର ଅଭୂତପୂର୍ବ ବିକାଶ, ଆଇନକାନୁନ୍ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଉନ୍ନତି ପାଇଁ ବିଭିନ୍ନ ଅଭିନବ ଯୋଜନା ପ୍ରଣୟନ କରାଯାଇଛି ।

ଓଡ଼ିଶାର ମାଟି ତଳେ ପ୍ରଚୁର ଖଣିଜ ସଂପଦ ଭରି ରହିଛି । ପ୍ରାକୃତିକ ଦୃଶ୍ୟରାଜିରେ ଭରା ଓଡ଼ିଶା ଦେଶ ବିଦେଶରେ ଏକ ମନୋରମ ରାଜ୍ୟ ଭାବେ ପରିଚିତ । ରାଜ୍ୟରେ ବ୍ୟାପକ ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଥିବା ବେଳେ ପର୍ଯ୍ୟାପ୍ତ ଜଙ୍ଗଲ ସଂପଦ, ମତ୍ସ୍ୟ ସଂପଦ, ଜଳ ସଂପଦ ଓ ଶହେଭାଗ ଉର୍ବର ଚାଷ ଜମି ରହିଛି । ରାଜ୍ୟରେ ବୌଦ୍ଧିକ ସଂପଦ ଓ ପ୍ରତିଭାର ଅଭାବ ନାହିଁ । ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ଭାଷା-ସାହିତ୍ୟ ଦେଶ ବିଦେଶରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି । ଓଡ଼ିଆଙ୍କର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ସାରା ବିଶ୍ୱରେ ଖ୍ୟାତ । ଓଡ଼ିଶା ମନ୍ଦିର ମାଳିନି ରାଜ୍ୟ ଭାବେ ସର୍ବ ବିଦିତ । କଠିନ ପରିଶ୍ରମ କରିବାରେ ମଧ୍ୟ ଓଡ଼ିଆ ଅନ୍ୟ ରାଜ୍ୟବାସୀଙ୍କ ତୁଳନାରେ କିଛି କମ୍ ନୁହଁନ୍ତି । ଓଡ଼ିଶା ଭାରତର ସବୁଠୁ ପଛୁଆ ଓ ଅବହେଳିତ ରାଜ୍ୟ । ଏଠାରେ ଦାରିଦ୍ର୍ୟର ଉତ୍ପାତ ବେଶୀ । ଦିନେ ଓଡ଼ିଶାର ଅନାହାର ମୃତ୍ୟୁ ଖବର ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଥିଲା । ଅଧିକାଂଶ ଶିଶୁ ପୁଷ୍ଟିହୀନତାର ଶିକାର । ଶିଶୁ ଓ ମାତୃ ମୃତ୍ୟୁହାର ସର୍ବାଧିକ...ଇତ୍ୟାଦି । ହେଲେ ଏସବୁ ଉନ୍ନୟନ ଯୋଜନା ବାସ୍ତବ ନା ଫମ୍ପା ପ୍ରଚାର, ସେଥିରେ ଲୋକେ ମୁଣ୍ଡ ଖେଳାନ୍ତିନି । ରାଜ୍ୟର ଅଧିକାଂଶ ଲୋକେ ବାସ୍ତବତାର ଗଭୀରକୁ ଯିବାକୁ ଚାହାନ୍ତିନି । ଆମ ରାଜ୍ୟରେ ଯାହା ବିକାଶ ହୋଇଛି, ଭାରତର ଅନ୍ୟାନ୍ୟ ପ୍ରଦେଶରେ ଏହା ଠାରୁ ଅଧିକ ବିକାଶ ହୋଇଥିବା ଦେଖା ଯାଇପାରେ । ବରଂ ଆମେ ବିକାଶ ଦୌଡ଼ରେ ବହୁ ପଛରେ ପଡ଼ିଥିବା ବୁଦ୍ଧିଜିବୀମାନେ କହୁଛନ୍ତି । ଯଦିଓ ଆମ ରାଜ୍ୟରେ ଦାରିଦ୍ର୍ୟ ହଟିଥାନ୍ତା ଓ ମୁଣ୍ଡପିଛା ଆୟ ବଢିଥାନ୍ତା ବା ରୋଜଗାର ସୃଷ୍ଟି ହୋଇଥାନ୍ତା, ତେବେ ଆହାର ଯୋଜନା କାହିଁକି ? ଦାଦନ ସମସ୍ୟା କ'ଣ ପାଇଁ ? ଆଉ ରେସନ୍ କାର୍ଡ଼ ହିତାଧିକାରୀ ତାଲିକାରେ ସାମିଲ୍ ହେବାକୁ ଲୋକଙ୍କ ପ୍ରତିଯୋଗିତା କାହିଁକି ? ଭାରତରେ ଖାଦ୍ୟଶସ୍ୟର ଅଭାବ ନାହିଁ । ଖାଦ୍ୟ ସୁରକ୍ଷା ଯୋଜନାରେ କୋଟି କୋଟି ଗରିବଙ୍କୁ ମାଗଣାରେ ଖାଦ୍ୟଶସ୍ୟ ବଂଟା ଯାଉଛି । ସେହିପରି ମହାମାରୀ କରୋନା ପୀଡ଼ିତମାନଙ୍କୁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବା ଉଚିତ । ବାହାର ରାଜ୍ୟରେ କାମ କରୁଥିବା ଲକ୍ଷ ଲକ୍ଷ ଓଡ଼ିଆଙ୍କୁ ବିଭିନ୍ନ କ୍ଷେତ୍ରରେ ଉପଯୁକ୍ତ ସୁରକ୍ଷା ଯୋଗାଇ ଦେବା ପାଇଁ ସଂପୃକ୍ତ ରାଜ୍ୟ ସରକାର ମାନଙ୍କୁ ଆମ ସରକାର ଚେତେଇ ଦେବା ଉଚିତ ।

ଆମ ରାଜ୍ୟ ସରକାର ଆମ ଶ୍ରମିକମାନଙ୍କୁ କର୍ମ ନିଯୁକ୍ତି ଦେଇ ପାରିବାର ବ୍ୟାପକ ସୁଯୋଗ ରହିଛି । ଓଡ଼ିଶାରେ କାର୍ଯ୍ୟକ୍ଷମ ଶହ ଶହ ବୃହତ, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ସମେତ ଖଣି ଶିଳ୍ପ, ପର୍ଯ୍ୟଟନ ଶିଳ୍ପ, ମତ୍ସ୍ୟ ଶିଳ୍ପ ଆଦିରେ ଲକ୍ଷ ଲକ୍ଷ ଲୋକେ କାର୍ଯ୍ୟ କରୁଛନ୍ତି । ତଥାପି ଓଡ଼ିଆ ଲୋକେ କାମ ପାଇଁ ଦେଶ-ବିଦେଶକୁ ଯାଉଛନ୍ତି । ସେଠାରେ ନିର୍ଯ୍ୟାତିତ ହେଉଛନ୍ତି । ଏହାର ବ୍ୟାପକ ସମୀକ୍ଷା ହେବାର ଆବଶ୍ୟକତା ରହିଛି । ବାସ୍ତବତା ହେଲା, ଓଡ଼ିଆ ଲୋକଙ୍କୁ ଏଠାରେ କ୍ୱଚିତ ନିଯୁକ୍ତି ମିଳୁଛି । ଦେଶ-ବିଦେଶର ଲୋକମାନେ ହିଁ ଆମ ରାଜ୍ୟର ଶିଳ୍ପ କାରଖାନା ଆଦିରେ ନିଯୁକ୍ତି ପାଉଛନ୍ତି । ଏ କ୍ଷେତ୍ରରେ ଆମ ସରକାର ନିରବ ରହିବା ଅନୁଚିତ । ଓଡ଼ିଆ ଶ୍ରମିକର ଏବଂ ଓଡ଼ିଶାର ବିକାଶ ପାଇଁ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେବା ଉଚିତ । ଚାଷୀଙ୍କର ଆୟ ବୃଦ୍ଧି ଓ ଜଳସେଚନ ବ୍ୟବସ୍ଥାର ଉନ୍ନତି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଉଚିତ । ଅନେକ କେନ୍ଦ୍ରୀୟ ଯୋଜନା ଏବଂ ଓଡ଼ିଶା ସରକାରଙ୍କ ଏନ୍ତୁଡ଼ିଶାଳରୁ ଆରମ୍ଭ କରି ଶ୍ମଶାନ ପର୍ଯ୍ୟନ୍ତ ବିଭିନ୍ନ ଉନ୍ନୟନ ଯୋଜନାରେ ଯଥେଷ୍ଟ ସହାୟତା ଦିଆ ଯାଉଛି । ଯଦ୍ୱାରା ବିଭିନ୍ନ କ୍ଷେତ୍ରରେ ଉନ୍ନତି ହୋଇଥିଲେ ହେଁ ସାଧାରଣ ମଣିଷର ଅର୍ଥନୈତିକ ଉନ୍ନତି କି ସାମାଜିକ ଅବସ୍ଥାର ପରିବର୍ତ୍ତନ ହେଉନାହିଁ । ଲୋକଙ୍କୁ କର୍ମ ନିଯୁକ୍ତି ଓ ସେମାନଙ୍କର ରୋଜଗାର ବୃଦ୍ଧି ସରକାରଙ୍କର ପ୍ରଧାନ ଦାୟିତ୍ୱ ହେବା ଉଚିତ । ଏହା ଆମ ସରକାର ଚିନ୍ତା କରିବା ଆବଶ୍ୟକ ।

ଶକ୍ତିଶାଳୀ ଇନ୍ଦିରା

ଲୌହ ମାନବୀ ଇନ୍ଦିରାଙ୍କ ରାଜନୈତିକ ତଥା ରାଷ୍ଟ୍ରୀୟ ଜୀବନ ପ୍ରାରମ୍ଭ ହୋଇଥିଲା ପାଂଚ ବର୍ଷ ବୟସରୁ । ଜୀବନରେ କିଛି ବଡ଼ କରିଦେଖାଇବା ନିମନ୍ତେ ସେ ନିଷ୍ପତି ନେଇଥିଲେ ସେହି କଅଁଳ ବୟସରେ, ଯାହା କଦାଚିତ୍ ଦେଖାଯାଇଥାଏ ସେହି ବୟସର ପିଲାଙ୍କ ଠାରେ । ଇନ୍ଦିରାଙ୍କ ଆଦର୍ଶ ଥିଲେ 'ଜୋଆନ୍ ଅଫ୍ ଆର୍କ' । ପିଲାଦିନେ ଶୁଣିଥିଲେ ଜୋଆନଙ୍କ ସଂପର୍କରେ । ବଡ଼ ହେବା ପରେ ପଢ଼ିଥିଲେ ବର୍ନାଡ଼୍ ସ'ଙ୍କର 'ସେଂଟ ଜୋଆନ୍' । ଶୈଶବରେ ହାତ ଉଠାଇ ସେ କହୁଥିଲେ ଯେ ସେ ଦିନେ ଭାରତୀୟଙ୍କ ପାଇଁ ସ୍ୱାଧୀନତା ଆଣିବେ ଠିକ୍ ଜୋଆନ୍‌ଙ୍କ ଭଳି ଏବଂ ଦୁର୍ଧର୍ଷ ବ୍ରିଟିସ୍ ସରକାର ବିରୋଧରେ ଏକଜୁଟ କରିଥିଲେ ସମବୟସ୍କ ଟିକି ଟିକି ପିଲାଙ୍କୁ । ଗଢ଼ିଥିଲେ 'ବାନର ସେନା' । ଶତ୍ରୁ ବିରୋଧରେ ଆଗେଇବା ଥିଲା କଷ୍ଟକର ସେମାନଙ୍କ ପକ୍ଷେ, କିନ୍ତୁ କୌଣସି ସମୟରେ ଆଶା ହରାଇନଥିଲେ ଇନ୍ଦିରା । ନେତୃତ୍ୱ ନେବା ପାଇଁ, ଭାରତକୁ ଆଗେଇ ନେବା ପାଇଁ, ମହାତ୍ମାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେ ଯେପରି ଜନ୍ମ ନେଇଥିଲେ । ସେ ଥିଲେ ପଣ୍ଡିତ ନେହେରୁଙ୍କର 'ଇନ୍ଦୁବଏ', ଏମ୍.ଏଫ୍ ହୁସେନଙ୍କ ଦୁର୍ଗା ଦେବକାନ୍ତ ବରୁଆଙ୍କ ଶବ୍ଦରେ 'ଇଣ୍ଡିଆ ଇଜ୍ ଇନ୍ଦିରା ଆଣ୍ଡ ଇନ୍ଦିରା ଇଜ ଇଣ୍ଡିଆ' ଏବଂ ସମସ୍ତ ଭାରତୀୟଙ୍କର 'ଇନ୍ଦିରା ମାଆ' । ବାସ୍ତବରେ ତାଙ୍କ ଆଖିରେ ଭାରତ ବର୍ଷ ଦେଖିଥିଲା ଆଧୁନିକ ବିଶ୍ୱକୁ ଏବଂ ତାଙ୍କରି ଉଦ୍ୟମରେ ପରିଣତ ହୋଇଥିଲା ଏକ ବିଶ୍ୱ-ଶକ୍ତିରେ ।

ଅଲେଖ ଚନ୍ଦ୍ର ସାମଲ

୧୯ ନଭେମ୍ବର ୧୯୧୭ ରେ ଇନ୍ଦିରା ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ଜବାହାରଲାଲ ନେହେରୁ ଏବଂ କମଳା ନେହେରୁଙ୍କ ଏକମାତ୍ର କନ୍ୟା ରୂପେ । ସେମାନେ ଆସିଥିଲେ ଏକ ନୈଷ୍ଠିକ କାଶ୍ମୀରୀ ବ୍ରାହ୍ମଣ ପରିବାରରୁ । ତାଙ୍କ ଜେଜେ ମୋତିଲାଲ ନେହେରୁ ଏବଂ ପିତା ସେ ସମୟର ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଭିତରେ ଗଣା ହେଉଥିଲେ । ପୁଣି ଦୁହେଁ ଥିଲେ ମହାତ୍ମାଙ୍କ ପ୍ରିୟ । ଶୈଶବରୁ ନିଜ ବାସଗୃହ 'ଆନନ୍ଦ ଭବନ'ରେ ବିଭିନ୍ନ ରାଜନୈତିକ କାର୍ଯ୍ୟକ୍ରମମାନ ଦେଖି ଦେଖି ବଡ଼ ହୋଇଥିଲେ ଇନ୍ଦିରା । ମା' କମଳାଙ୍କ ସ୍ୱାସ୍ଥ୍ୟ ଭଲ ରହୁନଥିଲା । ସେ ଅନେକ ସମୟରେ ଶଯ୍ୟାଶାୟିନୀ ରହୁଥିଲେ । ରାଜନୈତିକ କାରଣରୁ ଜେଜେବାପା ତଥା ପିତାଙ୍କ ସମୟ ପ୍ରାୟ କଟୁଥିଲା ବାହାରେ ବା କାରାଗାରରେ । ଏଣୁ ଶୈଶବରୁ ହିଁ ବଡ଼ ଏକାକିନୀ ଥିଲେ ଇନ୍ଦିରା । ତେବେ ଏହାକୁ ନେଇ ତାଙ୍କ ମନରେ ତିଳେ ହେଲେ କ୍ଷୋଭ ଅଭିମାନ ନଥିଲା ବରଂ ଏକାକିନୀ ସାହସର ସହ ସେ ସମ୍ମୁଖୀନ ହେଉଥିଲେ ସମସ୍ତ ବିପଦ ଆପଦର । ତାଙ୍କ ଚରିତ୍ରର ଏକ ବିଶେଷ ଦିଗଟି ତାଙ୍କୁ ଲମ୍ବା ଯୁଦ୍ଧ ଲଢ଼ିବା ପାଇଁ ପ୍ରସ୍ତୁତ କରୁଥିଲା । ଅତିକମ୍ ବୟସରୁ ସେ ନିଜର ସଂପୃକ୍ତ କରିଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ସମ ବୟସ୍କ ପିଲାଙ୍କୁ ନେଇ ସେ ଗଠନ କରିଥିଲେ 'ବାନର ସେନା' । ଭାରତୀୟ ଜାତୀୟ କଂଗ୍ରେସର ପତାକା, ବ୍ୟାନର, ପ୍ଲାକାର୍ଡ଼ ଆଦି ନିଜ ସ୍କୁଲ ବ୍ୟାଗରେ ଭର୍ତିକରି ବିଭିନ୍ନ ସ୍ଥାନକୁ ଚାଲାଣ କରିବାଠାରୁ ଆରମ୍ଭ କରି ସିଧାସଳଖ ଶୋଭାଯାତ୍ରା ଏବଂ ବିକ୍ଷୋଭ ପ୍ରଦର୍ଶନରେ ସୁଦ୍ଧା ସାମିଲ କରିଥିଲେ ନିଜକୁ । ତାଙ୍କୁ ଯେତେବେଳେ ୫ ବର୍ଷ ବୟସ ତାଙ୍କ ଜେଜେ ତାଙ୍କୁ ଉପହାର ଦେଇଥିଲେ ଚରଖାଟିଏ । ପିଲାଦିନେ ଖାକି ପୋଷାକ ଓ ଗାନ୍ଧୀ ଟୋପି ପିନ୍ଧିବାକୁ ପସନ୍ଦ କରୁଥିଲେ ସେ ଏବଂ ନିଜକୁ କହୁଥିଲେ 'ଇନ୍ଦୁ ବଏ' । ସ୍ୱଦେଶୀ ଆନ୍ଦୋଳନ ବେଳେ ନିଜର ଅତି ପ୍ରିୟ ବିଦେଶୀ କଣ୍ଢେଇଟିକୁ ସେ ଫୋପାଡ଼ି ଦେଇଥିଲେ ଅଗ୍ନି ମଧ୍ୟକୁ । ଫ୍ରାନ୍ସ ତିଆରି ପୋଷାକଟିଏ ପିନ୍ଧିବାକୁ ମନା କରିଦେଇଥିଲେ ନିଜ ଜନ୍ମ ଦିନରେ । ଏଥିରୁ ଶୈଶବରୁ ହିଁ ତାଙ୍କର ଦେଶପ୍ରେମ - ଜାତିପ୍ରେମ ସ୍ୱଭାବରୁ ଅନୁମାନ କରାଯାଇପାରେ ।

ଆମ ବେଳାଭୂମି

ଶରତ କୁମାର ରାଉତ

ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଥିବା ବିଶ୍ୱର କୌଣସି ସମୁଦ୍ର ତଟ, ଆଇଲାଣ୍ଡ ବା ଐତିହାସିକ ସ୍ଥାନ ଠାରୁ ଯେ ଓଡ଼ିଶାର ସମୁଦ୍ର ତଟ, ଆଇଲାଣ୍ଡ ବା ଐତିହାସିକ ସ୍ଥାନ ଅଧିକ ମନୋରମ, ଉନ୍ନତମାନର ଓ ଅପରୂପ ସୌନ୍ଦର୍ଯ୍ୟରେ ଭରା, ତାହା ହୁଏତ ସମସ୍ତେ ଜାଣନ୍ତି ନାହିଁ । ଏଠାରେ କେନ୍ଦ୍ରାପଡ଼ା ଜିଲ୍ଲାର ସମୁଦ୍ର ତଟ ଓ ବଙ୍ଗୋପସାଗର ମଧ୍ୟରେ ଥିବା ବିଭିନ୍ନ ଦ୍ୱୀପର ଉଦାହରଣ ନିଆ ଯାଇପାରେ । ଏକ କମନୀୟ କ୍ଷୁଦ୍ର ବେଳାଭୂମି ସଦୃଶ ଅବିକଳ ଧନୁ ଆକାରର ୭.୬ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏକ ମନଲୋଭା ବେଳାଭୂମି ଲମ୍ବିଛି ସାତଭାୟା ଓ ବରୁଣେଇ ମୁହାଣ ମଧ୍ୟରେ । ଯାହା ସଂଲଗ୍ନ ରହିଛି ବିଶ୍ୱ ବିଖ୍ୟାତ ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା ତଥା କଇଁଛ ପ୍ରଜନନ କେନ୍ଦ୍ର । ତଟବର୍ତ୍ତୀ ଅଳ୍ପ କେତୋଟି ଗ୍ରାମକୁ ଛାଡ଼ିଦେଲେ, ସାରା ଅଂଚଳ ଘଂଚ ଅରଣ୍ୟାନିରେ ପୂର୍ଣ୍ଣ । ଏହି ସୁଦୀର୍ଘ କମନୀୟ ବେଳାଭୂମି ଠାରୁ ବଙ୍ଗୋପସାଗର ଭିତରକୁ ହାରାହାରି ୧୮ କି.ମି. ଦୂରରେ ରହିଛି ଏକ ପ୍ରାକୃତିକ ଅନାମଧେୟ ଆଇଲାଣ୍ଡ୍ । ଯାହା ସୁନ୍ଦର ବୃକ୍ଷରାଜି ଓ କମନୀୟ ସୌନ୍ଦର୍ଯ୍ୟରେ ଭରା ୨୪ ଏକର ପରିମିତ ଅଂଚଳ । ଏହାର ମାତ୍ର ୫ କି.ମି. ଦୂର ଦକ୍ଷିଣକୁ ବ୍ରିଟିସ୍ ବାଣିଜ୍ୟର କୋଠା ହୁକିଟେଲା ଓ ଏଠାରୁ ମାତ୍ର ୪.୫ କି.ମି. ଦୂର ଦକ୍ଷିଣକୁ ବତୀଘର ଏବଂ ଏହାର ପଶ୍ଚିମକୁ ସ୍ଥଳ ସୀମାକୁ ଲାଗି ରହିଛି ଜମ୍ବୁ ଜେଟୀ ଓ ଖରିନାସୀ ଜେଟୀ । ଜମ୍ବୁ ଜେଟୀ ନିକଟରୁ ୬.୫ କି.ମି. ସମୁଦ୍ର ଭିତରକୁ ଅନ୍ୟ ଏକ ଆଇଲାଣ୍ଡ ରହିଛି, ଯାହାର ନାମ ମାଦେଲି ଚଢା । ପ୍ରାୟ ୧୦୦ଏକର ପରିମିତ ଅଂଚଳର ଏହି ଆଇଲାଣ୍ଡ, ହୁକିଟେଲା ଓ ବତୀଘର ଭୌଗୋଳିକ ଦୃଷ୍ଟିରୁ ଏକ ସମବାହୁ ତ୍ରିଭୁଜ ଭିତରେ ରହିଛନ୍ତି । ଅର୍ଥାତ୍ ଏହି ଆଇଲାଣ୍ଡ ପାଖରୁ ୪.୫ କି.ମି. ଉତର-ପୂର୍ବକୁ ହୁକିଟେଲା ଓ ୪.୫ କି.ମି. ଦକ୍ଷିଣ-ପୂର୍ବକୁ ବତୀଘର ଓ ବଙ୍ଗୋପସାଗରର ରିମ୍‌ଝିମ୍ ନୀଳ ଜଳରାଶି ପ୍ରତ୍ୟେକ ନିଜ ନିଜର ଅପରୂପ ସୌନ୍ଦର୍ଯ୍ୟ ପରିପ୍ରକାଶ କରୁଥିବା ବେଳେ ଏସବୁର ଫେଂଟାଫେଂଟିରେ ଯେଉଁ ଦୁର୍ଲଭ ପ୍ରାକୃତିକ ଦୃଶ୍ୟରାଜିର ସମାହାର ଘଟୁଛି ଏଠାରେ, ତାହାର ଏଯାଏ ଉପଯୁକ୍ତ ଉପଯୋଗ ହୋଇ ପାରିନାହିଁ । ତେବେ ବହୁ ବିଳମ୍ବରେ ହେଲେ ମଧ୍ୟ ଭିତରକନିକା ଓ ଏହାର ଆଖପାଖ ଅଂଚଳର ବିକାଶ ତଥା କ୍ରୁଇଜ୍ ବ୍ୟବସ୍ଥା ପାଇଁ କେରଳ ଇନ୍‌ଲାଣ୍ଡ ଅଥରିଟି ସହିତ ରାଜିନାମା ସ୍ୱାକ୍ଷରିତ ହୋଇଛି । ସେହିପରି ୨୦୧୪ ମସିହାରେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ବତିଘର ଓ ଜମ୍ବୁ ଦ୍ୱୀପରେ ଥିବା ହୁକିଟେଲାର ଶୀଘ୍ର ବିକାଶ ହେବାର ଆବଶ୍ୟକତା ରହିଛି । ହୁକିଟେଲାରେ ଥିବା ବ୍ରିଟିସ୍ ଅମଳର କୋଠାକୁ ବିଶ୍ୱବ୍ୟାଙ୍କର ୧କୋଟି ୩ଲକ୍ଷ ୯୩ ହଜାର ଟଙ୍କା ଅନୁଦାନରେ ପୁନରୁଦ୍ଧାର କରାଯିବାର ବ୍ୟବସ୍ଥା ହୋଇଛି । ହୁକିଟେଲା ଠାରେ ଗୋଟିଏ ଫ୍ଲୋଟିସ୍ ଜେଟି ନିର୍ମାଣ ହେବାର ପ୍ରସ୍ତାବ ରହିଥିବାବେଳେ ହୁକିଟେଲା ଯା'ଆସ ପାଇଁ ନଦୀକୂଳ ଠାରୁ ହୁକିଟେଲା ପର୍ଯ୍ୟନ୍ତ ଏକ ସଂଯୋଗ ରାସ୍ତା ନିର୍ମାଣ ହୋଇଛି । ହୁକିଟେଲା ଠାରେ ମଧ୍ୟ ଏକ ୱାଚ୍ ଟାୱାର ନିର୍ମିତ ହୋଇଛି । ବାସ୍ତବିକ ଓଡ଼ିଶାର ବେଳାଭୂମିକୁ ଉପଯୁକ୍ତ ଉପଯୋଗ କରି ବିଶ୍ୱର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଇବା ଉତ୍କଳର ମୁକୁଟବିହୀନ ସମ୍ରାଟ ବିଜୁବାବୁଙ୍କର ସ୍ୱପ୍ନ ଥିଲା ଓ ସେ ବହୁବାର ଉପକୂଳବାସୀଙ୍କୁ ଏଥିପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ସେ ସ୍ୱୟଂ ଇଣ୍ଡୋନେସିଆ, ଥାଇଲାଣ୍ଡ ଓ ସିଙ୍ଗାପୁର ବେଳାଭୂମିର ଉପଯୁକ୍ତ ଉପଯୋଗ ହୋଇଥିବା ଦେଖି ଓଡ଼ିଶାର ବେଳାଭୂମିକୁ ସେହି ଢଙ୍ଗରେ ଗଢି ତୋଳିବାକୁ ଏକପ୍ରକାର ବଦ୍ଧ ପରିକର ଥିଲେ । ମାତ୍ର ତାଙ୍କ ଜୀବଦ୍ଦଶାରେ ଏହା ସମ୍ଭବ ହୋଇ

ପାରିନଥିଲା । ହେଲେ ତାଙ୍କର ଅଧୂରା ସ୍ୱପ୍ନ ପୂରଣ କରିବା ତାଙ୍କ ପୁତ୍ର ନବୀନ ପଟ୍ଟନାୟକଙ୍କ ପାଇଁ କିଛି ବଡ଼ କଥା ନୁହେଁ ।

ମନୋରମ ଦେଶ ଥାଇଲାଣ୍ଡ ଏକ ପ୍ରଦୂଷଣ ମୁକ୍ତ ଦେଶ ଓ ଏହା ମଧ୍ୟ ମନୋରମ ସପିଙ୍ଗ୍ କମ୍ପ୍ଲେକ୍ସ, ସୁନ୍ଦର ସଡ଼କ ଓ କମନୀୟ ଦୃଶ୍ୟରାଜି ଭରା ସମୁଦ୍ର ବେଳାଭୂମି ଏବଂ ସୁସ୍ଥ ପରିବେଶ ପାଇଁ ପ୍ରସିଦ୍ଧ । ଥାଇଲାଣ୍ଡ ଓ ତାହାର ସମୁଦ୍ର ବେଳାଭୂମିର ମନୋରମ ଦୃଶ୍ୟରାଜି ବିଶ୍ୱରେ ପ୍ରମୁଖ ସ୍ଥାନ ଦଖଲ କରିଛି । ସବୁଠୁ ଆକର୍ଷକ ଦୃଶ୍ୟରାଜି ହେଲା, ଏହାର ପଟାୟା ସମୁଦ୍ର ବେଳାଭୂମିର କମନୀୟ ରୂପ । ଏହି ବେଳାଭୂମିର ଦୈର୍ଘ୍ୟ ମାତ୍ର ୧.୨୫ କିଲୋମିଟର ଓ ଚଉଡ଼ା ମାତ୍ର ୧୫୦ ମିଟର । ୧୭ ଏକର ବିଶିଷ୍ଟ ଏହି ଆଇଲାଣ୍ଡର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ସାରା ବିଶ୍ୱରୁ ଛୁଟି ଆସନ୍ତି ହଜାର ହଜାର ପର୍ଯ୍ୟଟକ ପ୍ରତିଦିନ । ଆଉ ପର୍ଯ୍ୟଟକମାନଙ୍କ ଆଗମନରେ ପଟାୟା ଅନେକ ସୁନ୍ଦର ଅଞ୍ଚଳିକାକୁ ନେଇ ଏକ ଲୋଭନୀୟ ନଗରୀରେ ପରିଣତ ହୋଇଛି । ଏହା ବିଶ୍ୱ ପର୍ଯ୍ୟଟନର ବିଖ୍ୟାତ କ୍ଷେତ୍ର ସିଙ୍ଗାପୁରଠାରୁ ମଧ୍ୟ ଲୋଭନୀୟ । ସେହିପରି କେନ୍ଦ୍ରାପଡ଼ାର ମନୋରମ ସାମୁଦ୍ରିକ ପର୍ଯ୍ୟଟନ ଓ ପର୍ଯ୍ୟଟନ ସ୍ଥଳ ଗୁଡ଼ିକୁ ପଟାୟା ଭଳି ବିକଶିତ କରାଯାଇ ପାରିଲେ, ଏହା ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକ ମଧ୍ୟରେ ଅଦ୍ୱିତୀୟ ହୋଇ ପାରିବ । ତେବେ ଏହି ଅଂଚଳକୁ ଏକ ଦୁର୍ଲ୍ଲଭ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାକୁ ହେଲେ, ଅତି ବେଶୀରେ ୫୦୦ ରୁ ୬୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରେ । ଏହାର ଦାୟିତ୍ୱ ରାଜ୍ୟ ସରକାର ମଧ୍ୟ କୌଣସି ଘରୋଇ ସଂସ୍ଥାକୁ ଦେଇ ପାରନ୍ତି । ଏହି ଆଶା ବାସ୍ତବରେ ପରିଣତ ହେଲେ, ଏହା ଯେ ପୃଥିବୀର ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ଅନନ୍ୟ ଭୂମିକା ଗ୍ରହଣ କରିବ, ଏଥିରେ ତିଳେ ହେଁ ସନ୍ଦେହ ନାହିଁ । ଏହାଦ୍ୱାରା ଓଡ଼ିଶା ସରକାରଙ୍କର ପ୍ରଚୁର ବୈଦେଶିକ ମୁଦ୍ରା ଆୟ ହେବା ସହ ସ୍ଥାନୀୟ ଅଂଚଳର ଆର୍ଥିକ, ସାମାଜିକ ଓ ପାରିପାର୍ଶ୍ୱିକ ଉନ୍ନତି ସମ୍ଭବ ହେବ । ସେହିପରି ଆମର ୪୮୦ କିମି ବ୍ୟାପୀ ମନୋରମ ଉପକୂଳର ପ୍ରାକୃତିକ ଦୃଶ୍ୟରାଜି ଓ ରାଜ୍ୟରେ ଥିବା ଅନେକ ଅପରୂପ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳୀ କୁଡ଼ିକର ବିକାଶ ଆବଶ୍ୟକ ହୋଇ ପଡ଼ିଛି ।

ବିଶ୍ୱର ଅନେକ ବିକଶିତ ଦେଶ ନିଜର ପର୍ଯ୍ୟଟନ ଶିଳ୍ପର ବିକାଶ

ଘୋଡ଼ାଚଢ଼ିବେ ଚିତ୍ରାଙ୍ଗଦା

ଚିତ୍ରଙ୍ଗଦା ଏବେ ଘୋଡ଼ାଚଢ଼ା ଶିଖୁଛନ୍ତି। ସ୍କୁଲରେ ପଢ଼ିଲା ଦିନରୁ ତାଙ୍କର ଆଶା ଥିଲା ଯେ, ଦିନେ ନା ଦିନେ ସେ ଘୋଡ଼ା ଚଢ଼ିବେ। ହେଲେ ଗତ କିଛି ବର୍ଷ ଭିତରେ ସେ ଏ ନେଇ ଯୋଜନା କରିଥିଲେ। ହେଲେ କେତେକ କାଣରୁ ତାହା ହୋଇପାରି ନଥିଲା। ପୁଣି ଏପରି ଦୁର୍ଯୋଗ ଯେ, ୨୦୧୯ରେ ତାଙ୍କର ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇଥିଲା। କିନ୍ତୁ ଏବେ ଆଣ୍ଠୁ ସର୍ଜରି ପରେ ସେ ପୁଣି ଥରେ ନିଜ ଲକ୍ଷ୍ୟପଥରେ ଆଗେଇବାକୁ ଯୋଜନା କରୁଛନ୍ତି। ଏ ସମ୍ପର୍କରେ ଚିତ୍ରଙ୍ଗଦା କୁହନ୍ତି, ଦୁଇ ବର୍ଷ ପୂର୍ବେ ମୁଁ ଘୋଡ଼ା ଚଢ଼ା ଶିଖିବାକୁ ଯୋଜନା କରିଥିଲି। ହେଲେ ଦିନ କେଇଟା ଶିଖିବା ପରେ ମୋର ଜଏଂଟ୍ ପ୍ରୋବ୍ଲେମ୍ ବାହାରିଲା। ଏବେ ନି ସର୍ଜରୀ ମୁଁ ଫୁଲ୍ ଫିଟ୍। କିଛି ସପ୍ତାହ ଏକ୍ସରସାଇଜ୍ କରିବା ପରେ ହର୍ଷ ରାଇଡିଂ ପାଇଁ ସଜବାଜ ହେଉଛି। ଏ ନେଇ ମୋର ଟ୍ରେନରଙ୍କ ଟିପ୍ସ ମୋ ପାଇଁ ବେଶ୍ ସହାୟକ ହେଉଛି। ବାକି ରହିଲା ମୋ ଆକ୍ଟିଂ କ୍ୟାରିୟର କଥା। ନିକଟରେ ମୋତେ କେତୋଟି ଅଫର ମିଳିଥିଲା। ହେଲେ ସେଥିରେ ଭୂମିକା ପସନ୍ଦ ନ ହେବାରୁ ମନା କରିଦେଇଥିଲି। ତେବେ ଚିତ୍ରାଙ୍ଗଦାଙ୍କ ଘୋଡ଼ାଚଢ଼ା ମିଶନ କେତେ ସକ୍ସେସ୍ ହେଉଛି ତାହା ଆଗାମୀ ସମୟ ହିଁ କହିବ।

ଚର୍ଚ୍ଚାରେ ଥାଇଲାଣ୍ଡର ବୁଆ ଥଙ୍ଗ ଝରଣା

ଝରଣା ସମେସ୍ତ ଦେଖିଥିବେ। ତା' ପାଣିରେ ଗାଧୋଇଥିବେ। କିନ୍ତୁ ବେଳେବେଳେ ସାମାନ୍ୟ ଅସାବଧନତା ଯୋଗୁ ଏହାର ଖସଡ଼ା ପଥରରେ ଗୋଡ ଖସି ଦୁର୍ଘଟଣା ଘଟିଥାଏ। କିନ୍ତୁ ଥାଇଲାଣ୍ଡରେ ଥିବା 'ବୁଆ ଥଙ୍ଗ' ନାମକ ଏକ ଝରଣାର କଥା ଭିନ୍ନ। ଏହି ଝରଣାର ଉପରୁ ତଳଯାଏ ପଥରରେ ଗୋଡ ଆଦୌ ଖସି ନଥାଏ। ଏମିତି କି ଲୋକେ ପଥର ଉପରେ ଚଢ଼ି ଚଢ଼ି ଝରଣାର ଉପର ଭାଗ ପର୍ଯ୍ୟନ୍ତ ଯାଇପାରନ୍ତି। ଦୌଡା ଦୌଡି ବି କରିପାରନ୍ତି। ହେଲେ ଗୋଡ ଖସି ନଥାଏ। ତେଣୁ ୩୩୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ଝରଣାକୁ ଚିପ୍‌ଚିପା ଝରଣା ବି କୁହାଯାଏ। ତେବେ ଏଠାରେ ଗୋଡ଼ ନ ଖସିବାର କାରଣ ହେଉଛି ଏଠାରେ ଥିବା ପଥରଗୁଡିକ ଲାଇମ୍ ଷ୍ଟୋନର ଅଟେ, ଯେଉଁଥିରେ କି ଭଲ ଗ୍ରିପ୍ ଥାଏ। ଝରଣାର ଜଳ ସ୍ରୋତରେ କ୍ୟାଲସିୟମ୍‌ର ମାତ୍ରା ଅଧିକ, ଯାହା କି ପଥରରେ ଜମିଯାଏ। ତେଣୁ ଏଠାରେ ଶିଉଳି ବି ହୁଏ ନାହିଁ। ତେଣୁ ପଥର ଖସଡ଼ା ହୁଏ ନାହିଁ। ଆଉ ଏକ ଖାସ୍‌କଥା ହେଲା ଏହାର ପାଣି ଧଳା ରଙ୍ଗର ଦେଖାଯାଏ। ଏହାର କାରଣ ହେଉଛି ପାଣିରେ ଥିବା ଚୂନ ଅଂଶ। ଉକ୍ତ ଝରଣାରେ ଏହିରୋମାଂଚକର ଅନୁଭତି ସାଉଁଟିବା ପାଇଁ ପର୍ଯ୍ୟଟକମାନେ ଏଠାକୁ ଆସନ୍ତି। ଯଦି ଏଠାରେ କାହାକୁ ସିଧା ସିଧା ଝରଣା ଚଢ଼ିବା କଷ୍ଟ ହୁଏ ତେବେ ପାର୍ଶ୍ୱରେ ଥିବା ଦଉଡ଼ିକୁ ଧରି ଚଢ଼ିପାରିବେ।

୪,୪୦,୦୦୦ ବର୍ଗ ମିଟର ପରିମିତ ଅଂଚଳରେ ଚିତ୍ର ଆଙ୍କିଲେ ସୌନ୍ଦର୍ଯ୍ୟା

ପୂଜା ପାର୍ବଣ ହେଉ କି ଶୁଭ ଅବସର, ରଙ୍ଗୋଲି କରାଯାଏ। ହିନ୍ଦୁ ଧର୍ମରେ ଏହାର ମହତ୍ୱ ଢ଼େର ବେଶୀ। କିଏ କେତେ ପ୍ରକାରର ଛୋଟବଡ଼ ରଙ୍ଗୋଲୀ କରନ୍ତି। କେହି କେହି ତ ରଙ୍ଗୋଲୀ କରି ବେଶ୍ ସୁନାମ ଅର୍ଜନ କରିଛନ୍ତି। ଆଉ କେହି କେହି ବି ରେକର୍ଡ କରିଛନ୍ତି। ଯେମିତି କି ମହାରାଷ୍ଟ୍ର, ଅହମ୍ମଦନଗରର ୧୨ ବର୍ଷ ବୟସର କୁନି ଝିଅ ସୌନ୍ଦର୍ଯ୍ୟା ବନସୋଦ ବିରାଟକାୟ ଛତ୍ରପତି ଶିବାଜୀଙ୍କର ରଙ୍ଗୋଲୀ କରି ରେକର୍ଡଧାରୀ ହୋଇଛନ୍ତି ସେ ୪,୪୦,୦୦୦ ବର୍ଗ ମିଟର ପରିମିତ ଅଂଚଳରେ ଏହି ରଙ୍ଗୋଲୀ କରିଥିଲେ। ଏତେ ବଡ଼ ଅଂଚଳରେ ରଙ୍ଗୋଲୀ କରିବା ବଡ଼ ଲୋକଙ୍କ ପକ୍ଷେ ବି ସମ୍ଭବ ନୁହେଁ। କିନ୍ତୁ ସୌନ୍ଦର୍ଯ୍ୟା ଏକୁଟିଆ ସେହି ରଙ୍ଗୋଲୀ କରିଥିଲେ। ଏହାକୁ କରିବା ପାଇଁ ୩୧ ଦିନ ଲାଗିଥିଲା। ଶିରଡି କୋପର ଗାଓଁ ହାଇୱେସ୍ଥ ଫୁଲଫାଗର ଫାର୍ମରେ ସେ ଏହି ରଙ୍ଗୋଲୀ କରିଥିଲେ। ଆଉ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିଲେ।

ପରଦାଠୁ ଦୂରରେ ଡେଜି

ଜଣେ ବ୍ୟାକ୍‌ଗ୍ରାଉଣ୍ଡ୍ ଡ୍ୟାନ୍ସର ଭାବରେ ଡେଜି ଶାହା ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ସଲମାନ ଅଭିନୀତ ତଥା ହିଟ୍ ସିନେମା ଡେରେ ନାମ୍‌ରେ ଡ୍ୟାନ୍ସର ଭାବରେ ଅଫର ପାଇବା ପରେ ତାଙ୍କର ଖୁସିର ସୀମା ରହି ନଥିଲା। କାରଣ ତାଙ୍କର ପ୍ରିୟ ଅଭିନେତା ଥିଲେ ସଲମାନ। ପରବର୍ତୀ ସମୟରେ ୨୦୧୪ରେ ଜୟ ହୋ ଫିଲ୍ମରେ ସେ ସଲମାନଙ୍କ ନାୟିକା ଭାବରେ ଅଭିନୟ କରିଥିଲେ। ଏହାପୂର୍ବରୁ ଡେଜି ଗଣେଶ ଆଚାର୍ଯ୍ୟଙ୍କ ସହ ଆସିଷ୍ଟାଂଟ୍ କୋରିଓଗ୍ରାଫର ଭାବରେ କିଛି ବର୍ଷ କାମ କରିଥିଲେ। ଏ ସମ୍ପର୍କରେ ଡେଜି କୁହନ୍ତି, ଡେରେ ନାମର ସୁଟିଂ ସମୟରେ ସଲମାନଙ୍କ ମୋତେ ଆକ୍ଟିଂ ଲାଇନ୍‌ରେ ଏଂଟ୍ରି କରିବାକୁ କହିଥିଲେ। ହେଲେ ହଠାତ୍ ମୁଁ ଏ ନେଇ ନିଷ୍ପତି ନେଇପାରି ନଥିଲି। କିନ୍ତୁ ପରବର୍ତୀ ସମୟରେ ଅଭିନୟକୁ କ୍ୟାରିୟର କରିବାକୁ ମାଇଣ୍ଡ ମେକଅପ୍ କରିଥିଲି। ଏତିକି କହିବି, କେବଳ ସଲମାନଙ୍କ ପାଇଁ ହିଁ ଆଜି ମୁଁ ଏହି ଲାଇନ୍‌ରେ ତିଷ୍ଠି ରହିଛି। ସେ ମୋ ପାଇଁ ମେଂଟର। ଜୟ ହୋରେ ନିଜ ଅଭିନୟ ପାଇଁ ସେ ବେଶ୍ ପ୍ରଶଂସା ସାଉଁଟିଥିଲେ। ହେଟ୍ ଷ୍ଟୋରି-୩ରେ ଶେଷ ଥର ପାଇଁ ଡେଜିଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିଥିଲା।

ବିଷାକ୍ତ ଭୋଜନ କରିବାର କୁ ପରିଣତି....

ଫୁଡ୍ ପଏଜନିଙ୍ଗ ଆମ ଦେଶରେ ଏକ ସମସ୍ୟା ଭାବେ ଦେଖା ଦେଇଛି । ଫୁଡ୍ ପଏଜନିଙ୍ଗ ପରି ସମସ୍ୟା ଲୋକମାନଙ୍କୁ ଛୁଇଁଥିଲେ ମଧ୍ୟ ଏଯାବତ୍ ଏ ନେଇ ପ୍ରଯତ୍ନ ହେବା ପରିଲକ୍ଷିତ ହେଉନାହିଁ । କିନ୍ତୁ ଏହା ପ୍ରତି ସଜାଗ ନହେଲେ ଏହା ଜୀବନ ପ୍ରତି ବହୁ ବିପଦ ସୃଷ୍ଟି କରିଥାଏ । ବିଷାକ୍ତ ଭୋଜନ ଖାଇବାର ୪୮ ଘଂଟା ପରେ ଏହାର ଲକ୍ଷଣମାନ ଦେଖାଯାଇଥାଏ । ଏହା ଯୋଗୁଁ ଦେହ ବୁଲାଇବା, ବାନ୍ତି ହେବା, ପେଟ ଖରାପ ଅର୍ଥାତ୍ ଡାଇରିଆ ଭଳି ରୋଗମାନ ଦେଖାଦେଇଥାଏ ।

କିପରି ହୁଏ : ଖାଦ୍ୟ ଦ୍ୱାରା ପ୍ରାୟ ଅନେକ ରୋଗ ଆମକୁ ହୋଇଥାଏ । ଏହା ମୁଖ୍ୟତଃ ଦୁଇଟି କାରଣରୁ ହୋଇଥାଏ । ପ୍ରଥମତଃ ଏହା ସଂକ୍ରାମକ ବାୟୁ ଓ ବ୍ୟାକ୍ଟେରିଆ ଦ୍ୱାରା ପଏଜନ୍ ହୋଇଥାଏ ଏବଂ ଦ୍ୱିତୀୟତଃ ଭଲକରି ନଧୋଇ ସବଜୀ ଖାଇବା ଦ୍ୱାରା ହାତ ଓ ଖାଇବା ବାସନ ନ ଧୋଇ ଖାଇବା ଦ୍ୱାରା ଫୁଡ୍ ପଏଜନ ପରି ରୋଗ ସଂକ୍ରମଣ କରିଥାଏ ।

ଏହାର ଲକ୍ଷଣ : ଫୁଡ୍ ପଏଜନ୍‌ର ଲକ୍ଷଣ ଦୂଷିତ ଭୋଜନ ଓ ଖାଇବା ମାତ୍ରା ବୃଦ୍ଧି ଉପରେ ନିର୍ଭର କରିଥାଏ । ସଂକ୍ରମଣର ଲକ୍ଷଣ ୩୦ ମିନିଟ୍, ୨୪ ଘଣ୍ଟା କିମ୍ବା କିଛି ଦିନ ଅନ୍ତରରେ ଦେଖାଯାଇଥାଏ । ଏହା ପ୍ରଥମେ ବାନ୍ତି, ଝାଡ଼ା ଓ ପେଟ ଗୋଳମାଳରୁ ଆରମ୍ଭ ହୋଇଥାଏ ।

କେଉଁ ସମୟରେ ଡାକ୍ତରଙ୍କ ପାଖକୁ ଯିବେ : ବାନ୍ତି କିମ୍ବା ଝାଡ଼ା ଦୁଇ ଦିନ ପରେ ଠିକ୍ ନହେଲେ । ବର୍ଷରୁ କମ୍ ବୟସର ସନ୍ତାନ ଥିବା ନାରୀକୁ ସଂକ୍ରମଣ କରିଥିଲେ । ବିଦେଶ ଯାତ୍ରାରୁ ଫେରିବା ପରେ ଏଭଳି ଲକ୍ଷଣ ଦେଖାଦେଲେ ବିଦେଶ ଡକ୍ଟରଙ୍କ ଚିକିତ୍ସା ପରାମର୍ଶ ନିଅନ୍ତୁ । ଯଦି ରୋଗୀ ତରଳ ଖାଦ୍ୟ ପଦାର୍ଥକୁ ଗିଳିପାରୁନଥିବ ତେବେ ଡକ୍ଟରଙ୍କୁ ଦେଖା କରନ୍ତୁ । ଯଦି ସଂକ୍ରାମକ ବ୍ୟକ୍ତିକୁ ଏଡ଼ସ୍, କ୍ୟାନସର ଓ କିଡ଼ନି ସମସ୍ୟା ଥାଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଆଖି ହଳଦିଆ ଦିଶିବା । ପରିସ୍ରା କମ୍ ହେବା ।

ଘରୋଇ ଉପଚାର : ଫୁଡ୍ ପଏଜନ୍‌ର ଆରମ୍ଭ ଅବସ୍ଥା ଜଣାପଡ଼ିଲେ ପ୍ରାଥମିକ ଉପଚାର ଘରେ କରିହେବ । ସଂକ୍ରମଣ ଲକ୍ଷଣ ଦେଖାଦେଲେ କଠିନ ଖାଦ୍ୟ ନଖାଇ ଯଥା ସମ୍ଭବ ତରଳ ଖାଦ୍ୟ ଖାଆନ୍ତୁ । ପ୍ରଚୁର ପାଣି ପିଅନ୍ତୁ । ଚା, କଫି କେବେ ବି ପିଇବେ ନାହିଁ । ବାନ୍ତି ଓ ଝାଡ଼ା କମିଗଲେ ଧିରେ ଧିରେ ଭାତ, ରୁଟି, ଆଳୁ ଖାଇପାରିବେ ।

ଚିକିତ୍ସକଙ୍କ ଉପଚାର : ବାନ୍ତି ଓ ଝାଡ଼ା ହେଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ମେଡ଼ିସିନ୍ ଖାଇବେ । ଜ୍ୱର ଆସିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସଂକ୍ରମଣର ମାତ୍ରା ବଢ଼ିଗଲେ ଡାକ୍ତରଖାନାରେ ରହି ଚିକିତ୍ସା ହୁଅନ୍ତୁ ।

କିପରି ଖାଇବେ ଖାଦ୍ୟ : କଟା ହୋଇ ରହିଥିବା ଫଳ ଖାଇବେ ନାହିଁ । ଖାଦ୍ୟ ପଦାର୍ଥର ଫଟା ପକେଟ୍ କିଣିବେ ନାହିଁ । କୌଣସି ଖାଦ୍ୟ କିଣିବା ପୂର୍ବରୁ ଏହାର ଏକ୍ସପ୍ୟାରି ଡେଟ୍ ଜରୁରୀ ଦେଖିବେ । କଞ୍ଚା ସବ୍‌ଜୀ ଖାଇଲେ ଅନ୍ୟ ଖାଦ୍ୟ ଠାରୁ ଦୂରେଇ ରୁହନ୍ତି । କଞ୍ଚା ସବ୍‌ଜୀକୁ ଧୋଇସାରିବା ପରେ ହାତକୁ ନିଶ୍ଚିତ ଭାବରେ ସାବୁନ୍‌ରେ ଧୋଇବେ । ନୀରୋଗ ଶରୀର ପାଇଁ ସ୍ୱାସ୍ଥ୍ୟ ସଚେତନତା ଅତ୍ୟନ୍ତ ଜରୁରୀ।

ଜିଲ୍ଲା ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

ଅତାବିରା **୧୨/୩(ନି.ପ୍ର):** ଆଜି ଜର୍ଜ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଲକ୍ଷପତି ଦିଦି ମାନଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ କାର୍ଯ୍ୟାଳୟର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଲାଟ କୁମାର ଲୁହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ଏବଂ ସମ୍ମାନିତ ଅତିଥି ଭାବେ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଯଥା ଡିପିଏମ ଓଏଲଏମ ସ୍ମରଣିକା ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସନ୍ଧ୍ୟାରଣୀ ନେପାକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଶ୍ରୀଯୁକ୍ତ ପ୍ରସନ୍ନ ମିଶ୍ର, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ଅଧିକାରୀ ଶ୍ରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସହକାରୀ ବନଖଣ୍ଡ ଅଧିକାରୀ ମଧୁସ୍ମିତା ସେଠୀ, ଜିଲ୍ଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ସୁଷମା କରାଲି, ଡେପୁଟି ସିଇଓ ଓରମାସ ପ୍ରଶାନ୍ତ ହୋତା, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଶ୍ରୀ ତାହିର ହୁସେନ, ଡିପିସି ମିଶନ ଶକ୍ତି ସୀମା ଟିବା, ବୟନଶିଳ୍ପ ଉପନିର୍ଦ୍ଦେଶକ ଶ୍ରୀ ହୃଷୀକେଶ ମାହାଳି ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଏବଂ ଉପସ୍ଥିତ ସମସ୍ତ ଅଧିକାରୀମାନେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ସର୍ବ ପ୍ରଥମେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ୱାଗତ ସମ୍ଭାଷଣରେ ମଞ୍ଚାସୀନ ସମସ୍ତ ଅଧିକାରୀ, ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଏବଂ ପ୍ରତ୍ୟେକ ବ୍ଲକରୁ ଆସିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କୁ ସ୍ୱାଗତ କରିଥିଲେ । ଶ୍ରୀ ଲୁହା ଲକ୍ଷପତି ଦିଦି ଯୋଜନା ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିବା ସହ ଆଜିର ଯୁଗରେ ମହିଳାମାନେ ପରିବାରରେ ପୁରୁଷଙ୍କ ସହ କାନ୍ଧରେ କାନ୍ଧ ମିଳାଇ ରୋଜଗାରକ୍ଷମ ହୋଇପାରିଛନ୍ତି ବୋଲି କହିଥିଲେ । ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ ଶ୍ରୀ ଗୋୟଲ ତାଙ୍କ ଅଭିଭାଷଣରେ ୬୫୦୦୦ ଲକ୍ଷପତି ଦିଦି ହେବାର ଲକ୍ଷ୍ୟ

ଧାର୍ଯ୍ୟ କରାଯାଇଥିବା ଏବଂ ବର୍ତ୍ତମାନ ସୁଦ୍ଧା ୨୨୦୦୦ ଲକ୍ଷପତି ଦିଦି ହୋଇସାରିଥିବା ସୂଚନା ପ୍ରଦାନ କରିଥିଲେ ତଥା ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କୁ ସରକାରଙ୍କର ବିଭିନ୍ନ ଯୋଜନାରେ ସାମିଲ ହୋଇ ନିଜକୁ ଲକ୍ଷପତି ଦିଦି କରିବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ । ଓଡିଶା ଜୀବିକା ମିଶନ ଅଧିକାରୀ ସ୍ମରଣିକା ମହାପାତ୍ର କହିଥିଲେ ଯେ ଯାହାର ବର୍ଷକୁ ୧ ଲକ୍ଷ, ମାସକୁ ୧୦,୦୦୦ କିମ୍ବା ତ୍ରୈମାସିକ ୩୦,୦୦୦ ଆମଦାନୀ ଥିବ ସେ ଲକ୍ଷପତି ଦିଦି ହୋଇପାରିବେ । ୨୦୨୫-୨୬ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଏବଂ ଏହା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି ସୂଚନା ଦେଇଥିଲେ । ଉପସ୍ଥିତ ଥିବା ସମସ୍ତ ଅଧିକାରୀ ବୃନ୍ଦ ନିଜ ନିଜ ଅଧୀନରେ ଥିବା ବିଭାଗର ବିଭିନ୍ନ ଯୋଜନାମାନଙ୍କ ବିଷୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କୁ ବୁଝାଇଥିଲେ ଏବଂ ଏହି ସବୁ ଯୋଜନାରେ ସାମିଲ ହୋଇ ନିଜକୁ ଲକ୍ଷପତି ଦିଦି କରିବା ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ଉପସ୍ଥିତ ରହିବା ସହିତ ନିଜ ନିଜ ପଞ୍ଚାୟତ ପାଇଁ ଯେଉଁମାନେ ସବୁ ନିଜ ଜୀବିକା ଜରିଆରେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜି ନିଜକୁ ଜଣେ ଜଣେ ଲକ୍ଷପତି ଦିଦି ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ସେମାନେ ନିଜର ଅଭିଜ୍ଞତା ସର୍ବ ସମ୍ମୁଖରେ ବାଣ୍ଟି ଥିଲେ । ଏହି ପରିପ୍ରେକ୍ଷୀରେ ୫ଜଣ ଲକ୍ଷପତି ଦିଦି ନିଜର ସଫଳ କାହାଣୀ ଉପସ୍ଥାପନା କରି ଅତିଥିମାନଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ ।

ସରକାରୀ ମକ୍ତବ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଟଣା, **୧୨/୩(ନି.ପ୍ର):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ସରକାରୀ ଉର୍ଦ୍ଦୁ ମକ୍ତବ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ବିଦ୍ୟାଳୟ ପ୍ରାଙ୍ଗଣରେ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବ୍ଲକ ଶିକ୍ଷାଧିକାରୀ ପୁର୍ଣଚନ୍ଦ୍ର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଙ୍କୁ ଶୃଙ୍ଖଳିତ ହୋଇ କଠିନ ପରିଶ୍ରମ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ପରାମର୍ଶ ଦେଇଥିଲେ ।ମୁଖ୍ୟ ବକ୍ତା ଭାବେ ପାଟଣା ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ତଥା ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କମଳା କାନ୍ତ ପତି , ସମ୍ମାନୀତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ଓଝା, ପାଟଣା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିର୍ମୟ ତ୍ରିପାଠୀ ,ପରିଚାଳନା ପରିଷଦ ସଭାପତି ସରଫରାଜ ଆଲାମ ଛାତ୍ରଛାତ୍ରୀ ଙ୍କ ଉଦ୍ୟେଶ୍ୟରେ ନିଜ ନିଜର ଅଭିଭାଷଣ ରଖିଥିଲେ ।ବିଦ୍ୟାଳୟ ର ସହକାରୀ ଶିକ୍ଷକ ଜଗନ୍ନାଥ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଉତ୍ସବରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ ।ପରିଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଅନ୍ତ୍ୟୋଦୟ ଗୃହ ଯୋଜନା ରେ ହିତାଧିକାରୀ ଚୟନ ପ୍ରକ୍ରିୟା ଜାରି

ପାଟଣା **୧୨/୩(ନି.ପ୍ର):** ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଜରିଆରେ ପ୍ରଥମ କରି ନୂତନ ଆବାସ ହିତାଧିକାରୀ ଆଶାୟୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନା ଘୋଷଣା କରିଛନ୍ତି ।ଏହି ଯୋଜନାରେ ଘର ପାଇବା ପାଇଁ ପାଟଣା ବ୍ଲକ ଅଞ୍ଚଳରୁ ୮ ଶହରୁ ଉର୍ଦ୍ଧ୍ୱ ଆଶାୟୀ ଆବେଦନ କରିଛନ୍ତି ।ତେବେ ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୩ଶହ ଜଣ କୁ କାର୍ଯ୍ୟାଦେଶ ଦିଆଯିବାକୁ ଲକ୍ଷ୍ୟ ଥିବାବେଳେ ସଠିକ ହିତାଧିକାରୀ ଚୟନ ପାଇଁ ଖୋଦ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ଗ୍ରାମକୁ ଗ୍ରାମ ଯାଇ ଆବେଦନ କାରିଙ୍କ ବର୍ତ୍ତମାନ ର ଗୃହ ସ୍ଥିତି ଅନୁଧ୍ୟାନ କରିଛନ୍ତି ।ବିଡିଓ ଶ୍ରୀ ଦଣ୍ଡପାଟ ଙ୍କ ସହିତ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ପଣ୍ଡା, ଆବାସ ଯୋଜନା ଦାୟିତ୍ୱରେ ଥିବା ସୁରେନ୍ଦ୍ର ଖଣ୍ଡା ପ୍ରମୁଖ ଆଜି ମୁରୁସୁଆଁ ଓ ରାଜନଗର ପଞ୍ଚାୟତ ର ବିଭିନ୍ନ ଗ୍ରାମକୁ ଯାଇ ଏହି ଯୋଜନାରେ ଗୃହ ପାଇବା ପାଇଁ ଆବେଦନ କାରୀଙ୍କ ଆବେଦନ ର ଗ୍ରହଣୀୟତା କେତେ ସେନେଇ ଯାଞ୍ଚ କରିଛନ୍ତି ।

ଶିଶୁ ସୁରକ୍ଷା ଆଇନ୍ ପାଇଁ ତାଲିମ ଶିବିର

ବରଗଡ଼ **୧୨/୩(ନି.ପ୍ର):**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ବରଗଡ଼ ଆନୁକୂଲ୍ୟରେ ପଦ୍ମପୁର ସ୍ଥିତ ବ୍ଲକ ଅଫିସ ପରିସରରେ ଥିବା ସମ୍ମିଳନୀ କକ୍ଷ ମଧ୍ୟରେ ଯୌନ ଅପରାଧ ସମୂହରୁ ଶିଶୁ ମାନଙ୍କର ସୁରକ୍ଷା ଆଇନ ୨୦୧୨ କୁ ନେଇ ମାଧ୍ୟମିକ ଶିକ୍ଷକ ମାନଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି ।ଉକ୍ତ କର୍ମଶାଳାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମଞ୍ଜୁ ଏକ୍କା ସଭାରେ ଯୋଗ ଦେଇଥିବା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସମେତ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଭ୍ୟା ମମତା ମେହେର ଶିଶୁ ଅଧିକାରରେ ଶିଶୁ ମଙ୍ଗଳ ସମିତିର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ । କିଶୋର ନ୍ୟାୟ ବୋର୍ଡ଼ର ସଭ୍ୟ ପ୍ରୟାସ ଦାଶ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ପିଲା ମାନଙ୍କର ଯତ୍ନ ଓ ସୁରକ୍ଷ୍ୟା ତଥା ସେମାଙ୍କର ଥଇଥାନ ଉପରେ ବକ୍ତବ୍ୟ ରଖିଥିଲେ ଏବଂ କିଶୋର ନ୍ୟାୟ ଆଇନ ୨୦୧୫ ଉପରେ ଏକ ବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ ।ଚାଇଲଡ ହେଲ୍ପ ଲାଇନର କେସ ୱାରକାର ସୁରଜ କୁମାର ସାହୁ ଶିଶୁ ସୁରକ୍ଷ୍ୟାରେ ଚାଇଲଡ ହେଲ୍ପ ଲାଇନ ର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ ।ପ୍ରମୁଖ ଆଇନ ସେବା ପ୍ରତିପକ୍ଷ ଓକିଲ ମୁନସୀ ସାହୁ କ୍ରକ୍ଟମମ୍ବକ୍ଟ ବମମ୍ବ ୨୦୧୨ ବିଷୟରେ ସମ୍ପୂର୍ଣ ବିବରଣୀ ପ୍ରଦାନ କରିଥିଲେ ।ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ,ପଦ୍ମପୁର ଶିବ ପ୍ରସାଦ ଯୋଶୀ ସମ୍ମାନ ଜନକ ଅତିଥିଙ୍କ ଭାଷଣ ପ୍ରଦାନ କରିଥିଲେ ।କସ୍ତୁରବା ଗାନ୍ଧୀ ମାତୃ ନିକେତନର ଅଧ୍ୟକ୍ଷକ ନିର୍ମଳ କୁମାର ଗିରି ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ଉପରେ ବିଶେଷ ବିବରଣୀ ପ୍ରଦାନ କରିବା ସହିତ ପରିଶେଷରେ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଶ୍ରୀ ଗୁରୁକୁଳର ବାର୍ଷିକ ଉତ୍ସବ ପୂର୍ଣ୍ଣକୁମ୍ଭ ଉଦଘାଟିତ

ପାଟଣା **୧୨/୩(ନି.ପ୍ର):** ଢେଙ୍କିକୋଟ ର ସେବା ଫାଉଣ୍ଡେସନ ଆନୁକୂଲରେ ଶ୍ରୀ ଗୁରୁକୁଳ କୁତ୍ତଟାଙ୍ଗର ପରିସରରେ ବାର୍ଷିକ ଉତ୍ସବ ପୂର୍ଣ୍ଣକୁମ୍ଭ-୨୦୨୫ ର ପ୍ରଥମ ଦିବସ ସେବା ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟୀ ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି । ଉତ୍ସବରେ ଶ୍ରୀ ଗୁରୁକୁଳ ମଡେଲ ସ୍କୁଲ୍, ସ୍ପେଶାଲ ସ୍କୁଲ୍,+୨ ବିଜ୍ଞାନ, ବି. ଏ ଡ କଲେଜର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ସେବା ଫାଉଣ୍ଡେସନର ଚେୟାରମ୍ୟାନ୍ ଡ. ସତ୍ୟବ୍ରତ ସାହୁଙ୍କ ପୌରୋହିତ୍ୟରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ନିଗମ କଳ୍ପତରୁ ଆଶ୍ରମ ହଂସପାଲ ଭୁବନେଶ୍ୱର ର ପ୍ରଧାନ ଆଚାର୍ଯ୍ୟ ପରମପୂଜ୍ୟ ଶ୍ରୀମଦ୍ ବ୍ରହ୍ମାନନ୍ଦ ସରସ୍ୱତୀଜୀଙ୍କ ଆଶିର୍ବଚନ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବପ୍ରାନ୍ତର ସହପ୍ରାନ୍ତ କାର୍ଯ୍ୟବାହ ରବିନାରାୟଣ ପଣ୍ଡାଙ୍କ ଶିକ୍ଷାନୁଭୂତି ପ୍ରଦାନ, ବାଣେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ବଳ , ବୃତ୍ତି - ଏକ ସ୍ୱାଭିମାନୀ ସେବାର ସଦସ୍ୟ ତଥା ସମାଜସେବୀ ଚିନ୍ମୟ କୁମାର ସାହୁ, ସେବା ଫାଉଣ୍ଡେସନର ନିରଞ୍ଜନ ବେଜଙ୍କ ଶୈକ୍ଷିକ ବାର୍ତ୍ତା କାର୍ଯକ୍ରମକୁ ପ୍ରେରଣା ଯୋଗାଇଥିଲା । ବିଭାଗ ମୁଖ୍ୟ ରାଜେଶ କୁମାର ରାଉତ, ଧର୍ମେନ୍ଦ୍ର ସ୍ୱାଇଁ, ଅଖିଳ ପ୍ରଧାନ, ସୁଦର୍ଶନ ତ୍ରିପାଠୀ, ଶରତ ରାଉତ ପ୍ରମୁଖ ନିଜ ନିଜ ଶିକ୍ଷାୟତନ ର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟରୁ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ସଭାକାର୍ଯ୍ୟ ପରେ ଛାତ୍ରୀ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଧବଳେଶ୍ୱର ବେହେରା ସଭାକାର୍ଯ୍ୟ ସଂଯୋଜନା କରିଥିଲେ । ଜୟଦେବ ବାରିକ୍, ସୁରେଶ ଚନ୍ଦ୍ର ବେହେରା, ଖଗେଶ୍ୱର ମହାନ୍ତ, ପଙ୍କଜ ମହାନ୍ତ, ଗୌତମ ନାଏକ, ସୁବ୍ରତ ମୁଣ୍ଡା, ନରେନ୍ଦ୍ର ମହାନ୍ତ, ଜୟନ୍ତୀ ଦାସ, ବିଜୟିନୀ ସାମଲ, ଅପର୍ଣ୍ଣା ନାୟକ, ଦେବୀ ପ୍ରସାଦ ବାରିକ୍, ଆଲୋକ ମଣ୍ଡଳ, ଶର୍ମିଷ୍ଠା ବେହେରା, ତୃପ୍ତିମୟୀ ମହାନ୍ତ,ପ୍ରଗତି ପ୍ରଧାନ, ନରେନ୍ଦ୍ର ନାଏକ, ପୂଜା ରଣା, କବିତା ବେହେରା, ଲିଜା ବାରିକ୍, ଲଳିତା ନାୟକ, ରୁବିନା ପରିଡ଼ା, ଭାଗ୍ୟଶ୍ରୀ ଆପଟ୍, ଚିନ୍ମୟୀ ବେହେରା ଆଦି ଶିକ୍ଷକ ଶିକ୍ଷୟିତ୍ରୀ ତଥା ସମସ୍ତ କର୍ମଚାରୀଙ୍କ ସହଯୋଗ ରେ ପ୍ରଥମ ଦିବସ ର ବାର୍ଷିକ ଉତ୍ସବ ଖୁବ୍ ଆନନ୍ଦର ସହ ପାଳିତ ହୋଇଛିଯାଇଛି । ଆଜି ସନ୍ଧ୍ୟାରେ ଶ୍ରୀ ଗୁରୁକୁଳ ଇଂଲିଶ ମିଡ଼ିଅମ ସ୍କୁଲ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଛି ।

ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ତରଫରୁ ବିଶ୍ୱ ମହିଳା ଦିବସ ପାଳନ

ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ତରଫରୁ ବିଶ୍ୱ ମହିଳା ଦିବସ ପାଳନ

ବାଙ୍ଗାଲୋର **୧୨/୩(ନି.ପ୍ର):** ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ଆନୁକୁଲ୍ୟରେ ଶ୍ରୀ ଜଗନ୍ନାଥ ମନ୍ଦିର,ବିକାନାହଲ୍ଲି ସର୍ଜାପୁର ପ୍ରାଙ୍ଗଣରେ ବିଶ୍ୱ ମହିଳା ଦିବସ ପାଳନ ହୋଇଯାଇଛି । ସାମ୍ପ୍ରତିକ ସମୟରେ ନାରୀ ମାନଙ୍କର ସମ୍ମାନ ଓ ସମାଜ ଗଠନରେ ଭୂମିକା ସମ୍ବନ୍ଧରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇ ଥିଲା । ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ର ସଭାପତି ତାପସ ରାଜ୍ ମହାରଣାଙ୍କ ସଂଚାଳିତ ଏହି କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବରେ ଯୋଗ ଦେଇଥିଲେ ଡ଼ଃ ବସନ୍ତ ମଞ୍ଜରୀ ଦାସ, ଡ଼ଃ ସୌଭାଗ୍ୟମୟୀ ପାଲ , ଶ୍ରୀମତୀ ସ୍ମିତା ମହାନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀମତୀ ବିଶ୍ୱଭାରତୀ ଦାଶ, ଶ୍ରୀ ପ୍ରଶାନ୍ତ କୁମାର ନାଥ , ଡ଼ଃ ପାର୍ଥ ସାରଥୀ ପାଲ, ଶ୍ରୀ ଦତ୍ତହରି ମାଝୀ, ଶ୍ରୀ ଜୟଚନ୍ଦ୍ର ମୁନି , ଶ୍ରୀ ସଞ୍ଜୟ ଦାସ,, ଶ୍ରୀ ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶିକ୍ଷାବିତ ତଥା ସୁଶ୍ରୀ ଶୁଭଶ୍ରୀ

ସାହିତ୍ୟ ସଂସଦର ସମ୍ପାଦିକା ଡକ୍ଟର ବସନ୍ତ ମଞ୍ଜରୀ ଦାସଙ୍କ 'ନୀତି ରତ୍ନାକର' ପୁସ୍ତକ ଉନ୍ମୋଚିତ ହୋଇଥିଲା । ମେଡ଼ିସିନ ସ୍ପେଶାଲିଷ୍ଟ ଡାକ୍ତର ସୌଭାଗ୍ୟମୟୀ ପାଲ ତାଙ୍କ ବକ୍ତବ୍ୟରେ କହିଥିଲେ ରୋଗୀ ପୁରୁଷ ହେଉ ବା ନାରୀ ପ୍ରତ୍ୟେକଙ୍କ ନକ୍ଷତ୍ରର ଗତି ସମାନ ଥାଏ, ଏଣୁ କର୍ତ୍ତବ୍ୟରୁ ହିଁ ନାରୀ ପୁରୁଷଙ୍କ ପାର୍ଥକ୍ୟ ମିଳିଥାଏ । ନାରୀ ପୁରୁଷର ଛାୟା ସଦୃଶ ହେବା ଉଚିତ । ଆଇନଜୀବୀ ବିଶ୍ୱଭାରତୀ ଦାଶ ନିଜ ଭାବକୁ ବ୍ୟକ୍ତ କରି କହିଥିଲେ ସଂସାରରେ ପ୍ରତ୍ୟେକ ବ୍ୟକ୍ତି ସମାନ ପ୍ରତ୍ୟେକ ଭାଷା ମଧ୍ୟ ସମାନ ଏଣୁ ନିଜେ ସମ୍ମାନ ଦେଇ ଜାଣିଲେ ଶାନ୍ତି ଆପଣଛାଏଁ ଆସିଯିବ କ୍ଷସମ୍ମାନିତ ଅତିଥିଭାବେ ଇଞ୍ଜିନିଅର ସ୍ମିତା ମହାନ୍ତି ପରିବାର ପାଇଁ ନାରୀର ଭୂମିକା ମା, ଭଉଣୀ,ଝିଅ ଭାବରେ ରହିବା ଉଚିତ ବୋଲି ବ୍ୟକ୍ତ କରିଥିଲେ । ଏମାନଙ୍କ ବ୍ୟତୀତ ଅବିନାଶ ନାୟକ,ଉଦୟ ପଣ୍ଡା,ତ୍ରିଲୋକ ପଣ୍ଡା,ଦ୍ୱାରିକା ସେନାପତି,ତପନ କୁମାର, ପ୍ରମୁଖ ବ୍ୟକ୍ତି ମାନେ ଯୋଗ ଦେଇ ମହିଳା ଦିବସ ଉପରେ ନିଜ ନିଜର ମତବ୍ୟକ୍ତ କରିଥିଲେ । ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ତରଫରୁ ସମସ୍ତ ଅତିଥି ମାନଙ୍କୁ ସମ୍ମାନିତ କରାଯାଇଥିଲା । ସାରଜାପୁର ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ପରିଶେଷରେ ଶିଶୁ ସାହିତ୍ୟିକ ପ୍ରଶାନ୍ତ କୁମାର ନାଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜାମଦାରେ କୃଷକ ରେଜିଷ୍ଟର ସଚେତନତା ରଥର ଶୁଭାରମ୍ଭ

ମୟୂରଭଞ୍ଜ **୧୨/୩(ନି.ପ୍ର):** କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଜାମଦା ଆନୁକୂଲ୍ୟରେ କୃଷକ ରେଜିଷ୍ଟର ସଚେତନତା ରଥକୁ ଜାମଦା ତହସିଲଦାର ସର୍ବେଶ୍ୱର ଜାଲ୍ ଓ ବିଏଓ ଜାମଦାର ଶୁଭଲକ୍ଷ୍ମୀ ଦାଶ ନଡ଼ିଆ ଫଟାଇ ଶୁଭାରମ୍ଭ କରିଛନ୍ତି । କୃଷି ବିଭାଗର ସମସ୍ତ କର୍ମଚାରୀ ଆରଆଇ, ଏଆରଆଇ,ଚାଷୀ ଭାଇ,ସମାଜସେବୀ,ରାଜ୍ୟ ୟୁଏସ୍ଆଇ ସଂଗଠକ ଉପସ୍ଥିତିରେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି ।ଏହି ରଥ ର ଲକ୍ଷ୍ୟ ଜାମଦା ବ୍ଲକର ପ୍ରତି ପଞ୍ଚାୟତରେ ସରକାରଙ୍କ ଡିଜିଟାଲ କୃଷି ଅଧିନରେ କୃଷକ ପ

ମୁହାଣ ଖୋଳାରୁ ରକ୍ତାକ୍ତ ସଂଘର୍ଷ

ଉଭୟ ଗୋଷ୍ଠିର ୪୦ଜଣଙ୍କୁ ବାନ୍ଧିଲା ପୋଲିସ, ଅଞ୍ଚଳରେ ୩ ପ୍ଲାଟୁନ ଫୋର୍ସ ମୁତୟନ

ବ୍ରହ୍ମପୁର **୧୨/୩(ନି.ପ୍ର):** ସମୁଦ୍ରରେ ନୂଆ ମୁହାଣ ଖୋଲିବାକୁ କେନ୍ଦ୍ରକରି ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ୍‌ର କତୁରୁ ଓ ରାମେୟାପାଟଣା ଗ୍ରାମବାସୀଙ୍କ ମଧ୍ୟରେ ଦୁଇଦିନ ତଳେ ଗୋଷ୍ଠି ସଂଘର୍ଷ ଘଟିଥିଲା। ରାମେୟାପାଟଣା ଗାଁ କିଛି ଲୋକଙ୍କ ଆକ୍ରମଣରେ କତୁରୁ ଗାଁର ୭ଜଣ ଗୁରୁତର ଆହତ ହୋଇଛନ୍ତି। ତନ୍ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଥିଲା। ପୋଲିସ ଉଭୟ ପକ୍ଷର ଅଭିଯୋଗରେ ଦୁଇଟି ପୃଥକ ମାମଲା ରୁଜୁ କରିଥିଲା। ରାମୟାପାଟଣା ଗ୍ରାମର ୨୧ ଜଣ ଓ କୁତୁରୁ ଗ୍ରାମର ୧୯ ଜଣଙ୍କୁ ଗୋଳନ୍ଥରା ପୋଲିସ ବାନ୍ଧିଛି। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ରହ୍ମପୁର ଏସପି ଡା. ର୍ସ୍ୱଣା ବିବେକ ଏମ ସୂଚନା ଦେଇଛନ୍ତି। ଉଭୟ ଗାଁ ମଧ୍ୟରେ ଝକାପଝା ସହ ଉତ୍ତେଜନା ଲାଗି ରହିଥିବା ବେଳେ ଚାପା ଉତ୍ତେଜନା କୁ ପ୍ରତିହତ କରିବା ପାଇଁ ତିନି ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ସେହିପରି ଉଭୟ ଗାଁ'ରେ ଶାନ୍ତି ଫେରାଇ ଆଣିବା ପାଇଁ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି ଏସପି କହିଛନ୍ତି। ସୂଚନା ଅନୁସାରେ ରାମେୟାପାଟଣା ଗ୍ରାମବାସୀ କୌଣସି ଆଲୋଚନା ନକରି କତୁରୁ ମୌଜାରେ ଥିବା ସର୍ବସାଧାରଣ ଜମିକୁ ଜବରଦଖଲ କରିଛନ୍ତି। ଏପରିକି ବଡ଼ନାଳ ସହ ସମୁଦ୍ରକୁ ଏକ ନୂଆ ମୁହାଣ ଖୋଳି ଦେଇଛନ୍ତି। ଫଳରେ ଜୀବନଜୀବିକା ପ୍ରଭାବିତ ହେବା ଆଶଙ୍କାରେ କତୁରୁ ଗ୍ରାମବାସୀ ରବିବାର ଏକାଠି ହୋଇ ରାମେୟାପାଟଣା ଗ୍ରାମବାସୀଙ୍କ ଦ୍ୱାରା ଖୋଳା ଯାଇଥିବା ମୁହାଣକୁ ପୋତି ଦେଇଥିଲେ। ଏହାକୁ ନେଇ ଦୁଇ ଗାଁର ଲୋକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉଭୟ ଗାଁର ଲୋକଙ୍କୁ ବୁଝାସୁଝା ପରେ ମାମଲା ଶାନ୍ତ ପଡ଼ିଥିଲା। ସୋମବାର ଚିକିଟି ତହସିଲଦାର ବିଶ୍ୱରଂଜନ କହଁର, ବିଡିଓ ଲକ୍ଷ୍ମଣ ଚରଣ ସୋରେନ୍ ଓ ଗୋଳନ୍ଥରା ଥାନା ଅଧିକାରୀଙ୍କ ସମେତ ଏକ ପ୍ଲାଟୁନ୍ ଫୋର୍ସ ମୁହାଣ ଖୋଳା ଯାଇଥିବା ଜାଗାକୁ ଯାଇଥିଲେ। ସେଠାରେ ପ୍ରଶାସନିକ ଅଧିକାରୀମାନେ କୁତୁରୁ ଗାଁର ଲୋକଙ୍କ ସହିତ ଆଲୋଚନା କରୁଥିଲେ। ମୁହାଣ ଖୋଳାକୁ ନେଇ ବିବାଦ ଉପୁଜିଥିବାରୁ ଉଭୟ ଗାଁର ୧୦ଜଣ ଲେଖାଏଁ ପ୍ରତିନିଧି ଆସି ଆଲୋଚନା କରିବାକୁ ପ୍ରଶାସନ ତରଫରୁ ପ୍ରସ୍ତାବ ଦିଆଯାଇଥିଲା। ଏହି ସମୟରେ ହଠାତ୍ ରାମେୟାପାଟଣା ଗାଁର କିଛି ଲୋକେ ସେଠାରେ ପହଞ୍ଚି ପଥର ମାଡ଼ କରିବା ସହିତ କାଚ ବୋତଲ ଫିଙ୍ଗି ଥିଲେ। ଏପରିକି ଲାଠିରେ ମଧ୍ୟ ଆକ୍ରମଣ କରିଥିଲେ। ଏହା ଦେଖି ପୋଲିସ ପ୍ରଶାସନିକ ଅଧିକାରୀଙ୍କୁ ସୁରକ୍ଷା ବଳୟକୁ ନେଇ ଲାଠି ଚାଳନା କରିଥିଲା। ଏହାପରେ ଆକ୍ରମଣକାରୀ ଛତ୍ରଭଙ୍ଗ ଦେଇଥିଲେ। କିଛି ସମୟ ପରେ ପୁଣିଥରେ ଆଉ ଏକ ଗୋଷ୍ଠୀ ମାରଣାସ୍ତ୍ର ଧରି ସେଠାକୁ ଆସି କୁତୁରୁ ଗାଁର ଲୋକଙ୍କୁ ଆକ୍ରମଣ କରିଥିଲେ। ଜୟରାମଙ୍କ ହାତ ପାପୁଲିରେ କାତି ଚୋଟ ପଡ଼ିଛି। ସେହିପରି ଟଙ୍କଧର ବେହେରା, ଦୁର୍ଯ୍ୟୋଧନ ବେହେରା, ପ୍ରବୀର ବେହେରା, ଭାନୁ ବେହେରାଙ୍କ ଶରୀରର ବିଭିନ୍ନ ସ୍ଥାନରେ କାତି ଚୋଟ ପଡ଼ିଛି। ତ୍ରିନାଥ ବେହେରା ଓ ପନ୍ନନାଭ ବେହେରା ମଧ୍ୟ ଆକ୍ରମଣରେ ଆହତ ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

ତାରଣାରେ ସାଗୁନ ବାହା ଦୋସନ୍ ପାଳିତ

ମୟୂରଭଞ୍ଜ **୧୨/୩(ନି.ପ୍ର):** ପାରମ୍ପାରିକ ମାଦଳର ତାଳେ ତାଳେ ଓ ପାରମ୍ପରିକ ବେଶ ପୋଷାକ ପରିଧାନ କରି ମହିଳା , ପୁରୁଷ ଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ସମସ୍ତେ ଖୁସିରେ ମସଗୁଲ ହୋଇଯାଇଥିଲେ ତାରଣା ବାହା ଦୋସନରେ । ସାନ୍ତାଳୀ ସଂପ୍ରଦାୟର ସବୁଠାରୁ ବଡ ପର୍ବ ବାହା ଦୋସନ । ଗ୍ରାମବାସୀଙ୍କ ସୁଖ ସମୃଦ୍ଧି ପାଇଁ ନିଆାରା ଭାବରେ ପାଳନ କରାଯାଇଥାଏ ବାହା ପର୍ବ । ଫଗୁଣ ମାସରେ ଚନ୍ଦ୍ର ଦର୍ଶନର ପଞ୍ଚମ ତିଥିରୁ ଆରମ୍ଭ ହୋଇଥାଏ ଏହି ବାହା ପର୍ବ । ଏଥିରେ ଜଙ୍ଗଲର ନୂତନ ଶାଳ ଫୁଲ,ମହୁଲ ଫୁଲ ଜାହିରା ପୀଠରେ ଗ୍ରାମ ଠାକୁରାଣୀଙ୍କୁ ଅର୍ପଣ କରାଯାଇଥାଏ । ଗ୍ରାମର ଇଷ୍ଟ ଦେବୀଙ୍କୁ ଅର୍ପଣ ନକରିବା ପର୍ଯ୍ୟନ୍ତ ଜଙ୍ଗଲଜାତ ଦ୍ରବ୍ୟ ଗୁଡିକୁ ଖାଦ୍ୟରୂପେ ବ୍ୟବହାର କରାଯିବ ନାହିଁ ବୋଲି ଆଦିବାସୀ ସମାଜର ପାରମ୍ପାରିକ ନିୟମ ରହିଛି ।ପ୍ରତ୍ୟକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ତାରଣା ଜାହିରା ପୀଠରେ ଧୂମଧାମ୍ ସହିତ ପାଳନ ହୋଇଛି ବାହା ପର୍ବ । ସମାଜର ରୀତିନୀତି ଅନୁସାରେ ନାଏକ ବାବାଙ୍କ ଦ୍ୱାରା ମାଝିବାବା ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ପୂଜା ସମ୍ପନ୍ନ ହୋଇଥିଲା । ପୂଜା ଅର୍ଚ୍ଚନା ପରେ ମହିଳା ଓ ପୁରୁଷମାନେ ପୁଜକଙ୍କ ଠାରୁ ଫୁଲ ଗ୍ରହଣ କରିଥିଲେ । ମହିଳାମାନେ ସେହି ଫୁଲକୁ ମୁଣ୍ଡ ଖୋସାରେ ଲଗାଇ ଥିବାବେଳେ ପୁରୁଷ ମାନେ କାନରେ ଲଗାଇଥିଲେ ।ପୀଠରେ ରୋଷେଇ ହୋଇଥିବା ଖେଚୁଡି ପ୍ରସାଦକୁ ମହିଳା, ପୁରୁଷ ଓ ପିଲାମାନେ ଆନନ୍ଦରେ ଖାଇଥିଲେ । ପରେ ଆନନ୍ଦରେ ମାଦଳର ତାଳେ ତାଳେ ନାଚ ଗୀତରେ ମସଗୁଲ୍ ହୋଇଥିଲେ ସମସ୍ତ ଗ୍ରାମବାସୀ ।ତାରଣା ବାହା ଦୋସନ ବା ବାହାପର୍ବରେ ଶହ ଶହ ସାନ୍ତାଳୀ ସମ୍ପ୍ରଦାୟର ଲୋକଙ୍କୁ ଦେଖିବାକୁ ମିଳିଥିଲ ।ତାରଣା ଗାଁ ର ନାଏକେ ବାବା ଚେତନ ପ୍ରସାଦ ଟୁଡୁ,ମାଝିବାବା ବିଶ୍ୱନାଥ ସୋରେନ୍,ରୁସୁ ମୁର୍ମୁ,ବଙ୍ଗାଳୀ ସୋରେନ୍,ଜଗନ୍ନାଥ ହାଁସଦାଃ ଏବଂ ଗ୍ରାମର ବରିଷ୍ଠ ନାଗରିକ ମାନେ ବାହା ପାରାବକୁ ସୁରୁଖୁରେ ରେ ପରିଚାଳନା କରିଥିଲେ ।

ଜିଲ୍ଲା ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

ବରଗଡ **୧୨/୩(ନି.ପ୍ର):** ଜର୍ଜ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟ ରେ ଲକ୍ଷପତି ଦିଦି ମାନଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ପରିଷଦ କାର୍ଯ୍ୟାଳୟର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ସମ୍ମାନିତ ଅତିଥି ଭାବେ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଯଥା ଡିପିଏମ ଓଏଲଏମ ସ୍ମରଣିକା ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରଣୀ ନେପାକ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ ମିଶ୍ର,ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସହକାରୀ ବନଖଣ୍ଡ ଅଧିକାରୀ ମଧୁସ୍ମିତା ସେଠୀ,ଜିଲ୍ଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ସୁଷମା କରାଳି,ଡେପୁଟି ସିଇଓ ଓରମାସ ପ୍ରଶାନ୍ତ ହୋତା,ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ତାହିର ହୁସେନ,ଡିପିସି ମିଶନ ଶକ୍ତି ସୀମା ଟିବା,ବୟନଶିଳ୍ପ ଉପନିର୍ଦ୍ଦେଶକ ହୃଷୀକେଶ ମାହାଳି ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଏବଂ ଉପସ୍ଥିତ ସମସ୍ତ ଅଧିକାରୀମାନେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ ।ସର୍ବ ପ୍ରଥମେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ୱାଗତ ସମ୍ଭାଷଣରେ ମଞ୍ଚାସୀନ ସମସ୍ତ ଅଧିକାରୀ, ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଏବଂ ପ୍ରତ୍ୟେକ ବ୍ଲକରୁ ଆସିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କୁ ସ୍ୱାଗତ କରିଥିଲେ ।ଶ୍ରୀ ଲୁହା ଲକ୍ଷପତି ଦିଦି ଯୋଜନା ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିବା ସହ ଆଜିର ଯୁଗରେ ମହିଳାମାନେ ପରିବାର ରେ ପୁରୁଷଙ୍କ ସହ କାନ୍ଧରେ କାନ୍ଧ ମିଳାଇ ରୋଜଗାରକ୍ଷମ ହୋଇ ପାରିଛନ୍ତି ବୋଲି କହିଥିଲେ ।ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ ଶ୍ରୀ ଗୋୟଲ ତାଙ୍କ ଅଭିଭାଷଣରେ ୬୫୦୦୦ ଲକ୍ଷପତି ଦିଦି ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଏବଂ ବର୍ତ୍ତମାନ ସୁଦ୍ଧା

୨୨୦୦୦ ଲକ୍ଷପତି ଦିଦି ହୋଇସାରିଥିବା ସୂଚନା ପ୍ରଦାନ କରିଥିଲେ ତଥା ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କୁ ସରକାରଙ୍କର ବିଭିନ୍ନ ଯୋଜନାରେ ସାମିଲ ହୋଇ ନିଜକୁ ଲକ୍ଷପତି ଦିଦି କରିବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ ।ଓଡିଶା ଜୀବିକା ମିଶନ ଅଧିକାରୀ ସ୍ମରଣିକା ମହାପାତ୍ର କହିଥିଲେ ଯେ ଯାହାର ବର୍ଷକୁ ୧ ଲକ୍ଷ,ମାସକୁ ୧୦,୦୦୦ କିମ୍ବା ତ୍ରୈମାସିକ ୩୦,୦୦୦ ଆମଦାନୀ ଥିବ ସେ ଲକ୍ଷପତି ଦିଦି ହୋଇ ପାରିବେ।୨୦୨୫-୨୬ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଏବଂ ଏହା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି ସୂଚନା ଦେଇଥିଲେ ।ଉପସ୍ଥିତ ଥିବା ସମସ୍ତ ଅଧିକାରୀ ବୃନ୍ଦ ନିଜ ନିଜ ଅଧୀନ ରେ ଥିବା ବିଭାଗର ବିଭିନ୍ନ ଯୋଜନା ମାନଙ୍କ ବିଷୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କୁ ବୁଝାଇଥିଲେ ଏବଂ ଏହି ସବୁ ଯୋଜନାରେ ସାମିଲ ହୋଇ ନିଜକୁ ଲକ୍ଷପତି ଦିଦି କରିବା ପାଇଁ ଉତ୍ସାହିତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ଉପସ୍ଥିତ ରହିବା ସହିତ ନିଜ ନିଜ ପଞ୍ଚାୟତ ପାଇଁ ଯେଉଁମାନେ ସବୁ ନିଜ ଜୀବିକା ଜରିଆରେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜି ନିଜକୁ ଜଣେ ଜଣେ ଲକ୍ଷପତି ଦିଦି ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ସେମାନେ ନିଜର ଅଭିଜ୍ଞତା ସର୍ବ ସମ୍ମୁଖରେ ବାଣ୍ଟି ଥିଲେ ।ଏହି ପରିପ୍ରେକ୍ଷୀରେ ୫ଜଣ ଲକ୍ଷପତି ଦିଦି ନିଜର ସଫଳ କାହାଣୀ ଉପସ୍ଥାପନା କରି ଅତିଥିମାନଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ ।

ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଶିବିର ଉଦଘାଟିତ

ବାଲିଗୁଡ଼ା **୧୨/୩(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ପରିସରରେ ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ +୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଶିବିରକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରି ଉପସ୍ଥିତ ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରିବା ସହ ସମସ୍ତ ଛାତ୍ରୀ ମାନେ ନିଶ୍ଚିତ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଫଳ କରିବାକୁ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ କାର୍ଯ୍ୟକ୍ରମର ସଂଯୋଜିକା ତଥା ଇଂରାଜୀ ବିଭାଗ ଅଧ୍ୟାପିକା ଶ୍ରୀମତୀ ଅରୁନ୍ଧତୀ ପ୍ରଧାନ , ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ଡ.ସଂଯୁକ୍ତା ନାୟକ ଓ ପଦାର୍ଥ ବିଜ୍ଞାନ ବିଭାଗ ର ଅଧ୍ୟାପକ ପ୍ରଦୀପ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରଶିକ୍ଷଣ ଶିବିରର ଗୁରୁତ୍ୱ ସମ୍ପର୍କରେ ଉପସ୍ଥାପିତ କରିଥିଲେ। ଏହି ଶିବିର ୧୦ ଦିନ ପର୍ଯ୍ୟନ୍ତ ଚାଲିବ, ଏଥିରେ ଛାତ୍ରୀ ମାନଙ୍କୁ ନିଜେ ନିଜର ଆତ୍ମ ସୁରକ୍ଷା କିପରି କରି ପାରିବେ, ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଶେଷରେ ଅଧ୍ୟାପିକା ଡ.ସଂଯୁକ୍ତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ବାଲୁଗାଁ ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

ବାଲୁଗାଁ **୧୨/୩(ନି.ପ୍ର):** ବାଲୁଗାଁ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ୧୧ତମ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ମଙ୍ଗଳବାର ଦିନ ମହାବିଦ୍ୟାଳୟର ସଭାଗୃହରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ସଭାପତି ଦାୟିତ୍ୱ ତୁଲାଇଥିବା ବେଳେ, +୨ ଅଧ୍ୟକ୍ଷ ସୁବାସ ଶ୍ରୀଚନ୍ଦନ ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ଝରଣା ନାଥ ଅତିଥି ମାନଙ୍କୁ ସ୍ୱାଗତ କରି ଶାସ୍ତ୍ରୀୟ ଭାଷାର ଲକ୍ଷଣ, ପ୍ରାଚୀନତା ଓ ଶାସ୍ତ୍ରୀୟ ଭାଷା ଦିବସର ମହତ୍ତ୍ୱ ସଂପର୍କରେ ନିଜର ମତ ଉପସ୍ଥାପନ କରି ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରାଣିତ କରିଥିଲେ। ଅଧ୍ୟାପକ ଧୋବି ଚରଣ ପରିଡ଼ା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ମଞ୍ଚ ସଂଚାଳନ କରିଥିଲେ। ସମ୍ମାନୀତ ଅତିଥି ଶ୍ରୀଯୁକ୍ତ ଶ୍ରୀଚନ୍ଦନ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସର ଯଥାର୍ଥତାକୁ ଉପସ୍ଥାପନା କରିଥିଲେ ।ସଭାର ସଭାପତି ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଓଡ଼ିଆ ଭାଷାର ପ୍ରଶଂସା କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଥିଲେ ;ଭାଷା ହିଁ ଗୋଟିଏ ଜାତିର ପରିଚୟ। ମହାବିଦ୍ୟାଳୟର ଅଧ୍ୟାପକ ବିମଳ କୁମାର ପଣ୍ଡା ଏବଂ ବିଶ୍ୱଜିତ ଦାସଙ୍କ ସହିତ ବିଭାଗର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସଭା କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ ।ପରିଶେଷରେ ବିଭାଗର ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

ବୁଢ଼ାଗୁଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ବାଲିଗୁଡା **୧୨/୩(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ଅନ୍ତର୍ଗତ ରେବିଙ୍ଗିଆ ପଞ୍ଚାୟତର ବୁଢ଼ାଗୁଡା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ର ପ୍ରଧାନଶିକ୍ଷକ କାଶୀନାଥ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୁଣନିଧି ବେହେରା, କୁଇ ସମାଜ ସଭାପତି ଶ୍ୟାମ ସିଂ ମଳିକ, ରବିଚନ୍ଦ୍ର ମଳିକ, ପ୍ରମୋଦ ମଳିକ, କୁଶ ମଳିକ, ନାମ୍ବୁରା ମଳିକ, ପ୍ରମୁଖ ଯୋଗ ଦେଇ ଶିକ୍ଷା-ଶିକ୍ଷକ ଓ ଛାତ୍ର ଛାତ୍ରୀ ର ଗୁରୁତ୍ୱ ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ କାଶୀନାଥ ସାହୁ ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଅବସର ପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଆଞ୍ଚଳିକ ସାଧନ ସଂଯୋଜକ ମନୋଜ କୁମାର ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ମଧୁସୂଦନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ରିଲିଏଣ୍ଟ୍ ହାଇସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

ପୋଲସରା **୧୨/୩(ନି.ପ୍ର):** ପୋଲସରା ଏନଏସି ର ଦାଶରଥିନଗର ସ୍ଥିତ ବ୍ରିଲିଏଣ୍ଟ୍ ହାଇ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ଗିରିଜା ଶଙ୍କର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଅନୁଷ୍ଠାନର ସଭାପତି ବ୍ରଜେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବର୍ତ୍ତିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ବିମଳ ପାଣିଗ୍ରାହୀ ଓ ଅଧ୍ୟାପିକା ରଶ୍ମିତା ପାଣିଗ୍ରାହୀଙ୍କ ସମେତ ଶଶିକଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଇନ୍ଦ୍ରଜିତ୍ ବିଷୋୟୀ, ଅନୁଷ୍ଠାନର ଅଧ୍ୟକ୍ଷା ତପସ୍ୱି

ସୁଭଦ୍ରା ଯୋଜନାର ପଥପ୍ରାନ୍ତ ସଭା ପାଳିତ

ବଣାଇ, ୧୨/୩(ନି.ପ୍ର): ବଣାଇରେ ଆଜି ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସୁଭଦ୍ରା ଯୋଜନାର ପଥପ୍ରାନ୍ତ ସଭା ସମ୍ପନ୍ନିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବୀଣାପାଣି ନାଏକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଣାଇଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିୟା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେବଣାଇଗଡ଼ ସରପଞ୍ଚ ନମିତା ନାଗ, ବଣାଇ ବିଜେପି ଜିଲ୍ଲା ପୂର୍ବତନ ସଭାପତି ମନୋଜ କୁମାର ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ହେମନ୍ତ କୁମାର ସାହୁ, ଏସ ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡ଼ଃ ଏସ. ବି. ବର୍ମା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରୋମ୍ୟ ରଞ୍ଜନ ପ୍ରଧାନ ଯୋଗ ଦେଇ ଦ୍ୱୀପ ପ୍ରଜ୍ଜଳନ କରି ଶୁଭାରମ୍ଭ କରିଥିଲେ । ସୁଭଦ୍ରା ଯୋଜନାରେ ଉପକୃତ ହେଇଥିବା ଓ ଉପକୃତ ହୋଇ ନଥିବା ମହିଳା ମାନଙ୍କୁ ଉଦବୋଧନ ଦେଇ କହିଥିଲେ ଏହି ସୁଭଦ୍ରା ଯୋଜନାରେ କେହିବି ବାଦ ନପଡନ୍ତୁ ସେଥିପାଇଁ ସମସ୍ତ ମହିଳା ମାନଙ୍କୁ କଣ କରିବାକୁ ହେବ ତାହା ନିଜର ବକ୍ତବ୍ୟ ଆଧାରରେ ପ୍ରକାଶ କରିଥିଲେ । ଏହି ଯୋଜନା ଅନ୍ତର୍ଗତ ଟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମରେ ଝୋଟି, କବାଡି, ଗୀତ ପ୍ରତିଯୋଗିତା ରେ ଉତୀର୍ଣ୍ଣ ହୋଇଥିବା ମହିଳା ମାନଙ୍କୁ ମଞ୍ଚାସିନ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି ପ୍ରଦାନ କରା ଯାଇଥିଲା ।

ଭିନ୍ନକ୍ଷମଙ୍କୁ ଚିହ୍ନଟ ପାଇଁ 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ' ଅନୁଷ୍ଠିତ

■ଗୋଟିଏ ସ୍ଥାନରେ ସରକାରଙ୍କ ସମସ୍ତ ସୁବିଧାର ଲାଭ ପାଇପାରୁଛନ୍ତି ହିତାଧିକାରୀ

■୩୨୧ ଜଣଙ୍କୁ ମିଳିବ ଦିବ୍ୟାଙ୍ଗ ପ୍ରମାଣ ପତ୍ର

ବଣାଇ, ୧୨/୩(ନି.ପ୍ର): ରାଉରକେଲା ମହାନଗର ନିଗମ ଏବଂ ଜିଲ୍ଲା ସାମାଜିକ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସନ୍ତୁ ନିରଙ୍କାରୀ ସତସଙ୍ଗ ଭବନ ଠାରେ 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି । ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ସେମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିବା ତଥା ସେମାନଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ବିଭିନ୍ନ ଦିବ୍ୟାଙ୍ଗ କଲ୍ୟାଣମୂଳକ ଯୋଜନାର ଲାଭାର୍ଥୀ କରାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ ଥିଲା । ଏହି 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ'ରେ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଏହାର ପ୍ରମାଣପତ୍ର ଦେବା ନିମନ୍ତେ ବରିଷ୍ଠ ଡାକ୍ତରଙ୍କ ଦ୍ୱାରା ଡାକ୍ତରୀ କ୍ୟାମ୍ପର ଆୟୋଜନ କରାଯଇଥିଲା । ଶ୍ରବଣ ଓ ବାକ୍ ବାଧିତ ସହ ଦୃଷ୍ଟି ବାଧିତ, ଶାରୀରିକ ଭିନ୍ନକ୍ଷମ ଏବଂ ମାନସିକ ଭିନ୍ନକ୍ଷମତା ଚିହ୍ନଟ କରିବା ନିମନ୍ତେ ଡାକ୍ତରୀ ଦଳ ଉପସ୍ଥିତ ରହିଥିଲେ । ଏଥି ନିମନ୍ତେ ମୋଟ ୩୩୪ ଜଣ ପଞ୍ଜୀକରଣ କରାଇଥିବା ବେଳେ ଆଗାମୀ ଦିନରେ ୩୨୧ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯିବ । ଏଥିରେ ଚିହ୍ନଟ ହୋଇଥିବା ୨୭ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ, ଟ୍ରାଇ ସାଇକେଲ ଓ ହୁଇଲ ଚେୟାର ଭଳି ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରାଯିବ । ଏଥିସହ ୫୨ ଜଣଙ୍କୁ ବସ୍ ପାସ୍, ୧୩ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହା ସହ ଏହି ଅଭିଯାନରେ ବିବାହ ପ୍ରୋତ୍ସାହନ ଅର୍ଥ ରାଶି, ଭିନ୍ନକ୍ଷମ ସହାୟକ ଉପକରଣ ପ୍ରଦାନ ନିମନ୍ତେ କାଉଣ୍ଟରର ବ୍ୟବସ୍ଥା କରାଯାଇଥିଲା । ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ଶ୍ରୀମତୀ ପଲ୍ଲବୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାଉରକେଲା ମହାନଗର ନିଗମର ଉପ ପୌରାୟୁକ୍ତ ଶ୍ରୀଯୁକ୍ତ ତରୁଣ କାନ୍ତ ମୁଖ୍ୟ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୀନୁ ତାଣ୍ଡିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମାଙ୍କଓ୍ୱେଲ୍ ଟପ୍ପୋଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଏବଂ ଅଙ୍ଗନବାଡ଼ି ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ ।

ବାଲିଘାଟ ରେ ଚଢାଉ ୩ ଟ୍ରକ ଜବତ

ବଣାଇ: ୧୨/୩(ନି.ପ୍ର): ବିଳମ୍ବିତ ରାତିରେ ଉପଜିଲ୍ଲାପାଳ ପାନପୋଷ ବିଜୟ ନାୟକଙ୍କ ନେତୃତ୍ୱରେ ପାନପୋଷ ଉପଖଣ୍ଡ ଏନଫୋର୍ସମେଣ୍ଟ ସ୍କାର୍ଡ ଉପଖଣ୍ଡର ୪ଟି ବାଲିଘାଟରେ ଚଢାଉ କରି ବେଆଇନ ଚୋରି ଚାଲାଣରେ ୩ଟି ବାଲିରେ ଭର୍ତ୍ତି ଟ୍ରକକୁ ଜବତ କରିଛି । ମିଳିଥିବା ସୂଚନା ଅନୁସାରେ ରାତି ୧୧.୩୦ ରୁ ୧୨.୩୦ ଘଟିକାରେ ମଧ୍ୟରେ ଉପଖଣ୍ଡ ର ତୁମକେଲା ବାଲିଘାଟ, ବିଜୁବନ୍ଧ, ତାରକେରା ବାଲିଘାଟ ଓ ଅଟାଘାଟ ରେ ସ୍କାର୍ଡ ଦ୍ୱାରା ଚଢାଉ କରାଯାଇଥିଲା । ଚଢାଉ ସମୟରେ ଅଟାଘାଟ ଅଂଚଳରେ ବାଲିରେ ଭରା ଥିବା ୩ ଗୋଟି ଟ୍ରକ ଜବତ କରି ଲାଠକଟ ଥାନା ରେ ରଖାଯାଇଛି । ଗାଡି ନମ୍ବର OR 14 R 6786 ରୁ ୭.୭୯୨ କ୍ୟୁବିକ ମି.ବାଲି , OR 14 P 0465 ରୁ 8.776 କ୍ୟୁବିକ ମି.ଓ OR 14 W 2784 ରୁ ୮.୬୧୨ କ୍ୟୁବିକ ମି. ବାଲି ଜବତ କରାଯାଇଛି । ଏହି ସ୍କାର୍ଡ ରେ ଡେପୁଟି ଡାଇରେକ୍ଟର ମାଇନିଂ ବିମ୍ବାଧର ସେଠୀ , ତହସିଲଦାର ନିବେଦିତା ପ୍ରଧାନ , ଏସଡିପିଓ ପାନପୋଷ ଅମିତ ମହାନ୍ତି, ଅତିରିକ୍ତ ତହସିଲଦାର ସୁଦକ୍ଷ ପଟେଲ ଓ ଅମୁଲ୍ୟ ରତନ ସାହୁ , ଉକ୍ତ ଅଂଚଳର ଥାନାଧିକାରୀ ଉପସ୍ଥିତ ଥିଲେ ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଗୁଡ଼ହେଲା ଠାରେ ସୁଭଦ୍ରା ପଥପ୍ରାନ୍ତ ସଭା

ତୁଷୁରା,୧୨/୩(ନି.ପ୍ର): ଶମ୍ଭୁପ୍ରସାଦ ସାହୁ: ବଲାଙ୍ଗିର ଜିଲ୍ଲା ଗୁଡଭେଲା ଠାରେ ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଗୁଡଭେଲା ସହିତ ଏହି ବ୍ଲକ ର ତେନ୍ତୁଳୀଖୁଣ୍ଟି ଏବଂ ଘୁଳା ପଞ୍ଚାୟତ ଠାରେ ମଧ୍ୟ ଏହି ସଭା ଅନୁଷ୍ଠିତ ହୋଇଥିଲା । ଗୁଡଭେଲା ଠାରେ ସିଡିପିଓ ବାସନ୍ତୀ ଯାନୀ, ତେନ୍ତୁଳୀଖୁଣ୍ଟି ଠାରେ ସୁପରଭାଇଜର ସରୋଜିନୀ ମହାନନ୍ଦ ଏବଂ ଘୁଳାଠାରେ ସୁଷମା ସାହୁ ଯୋଗଦେଇ ଥିଲେ । ସୁଭଦ୍ରା ଯୋଜନା ର ଲାଭ, ବାଲ୍ୟବିବାହ ରୋକିବା ଏବଂ ମମତା ଯୋଜନା ବିଷୟରେ ସଚେତନ କରାଯାଇଥିଲା ।

ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୫ ଆଇ. ସି. ଡ଼ି.ଏସ ସ୍ତରୀୟ ସୁଭଦ୍ରା ପଥପ୍ରାନ୍ତ ସଭା

ରାୟଗଡା ୧୨/୩(ନି.ପ୍ର): ରାୟଗଡା ଜିଲ୍ଲା କଲନରା ବ୍ଲକ ଗାଡିଚେଷଖାଳ ପଞ୍ଚାୟତ ର ସମସ୍ତ ଗ୍ରାମର ମହିଳା ଓ ଅଙ୍ଗନବାଡି ସ୍ତ୍ରୀ ମାନଙ୍କୁ ନେଇ ସୁଭଦ୍ରା ସଚେତନ ଶିବିର ଗାଡି ଚେଷଖାଳ ପଞ୍ଚାୟତ ଠାରେ ଅନୁଷ୍ଠିତ ହୋଇଅଛି । ଏଥିରେ ଗାଡିଚେଷଖାଳ ର ସରପଞ୍ଚ ଶ୍ରୀମତୀ ରଞ୍ଜିତା ମୁଷୁକା ମୁଖ୍ୟ ଅତିଥି ଥିବାବେଳେ ସ୍ଥାନୀୟ ଶାଖା ପରିଚାଳକ ଅନୁପ କୁମାର ରାଉତ ସମ୍ମାନୀୟ ଅତିଥି ପଂଚାୟତ ଡି. ଓ, ସ୍ଥାନୀୟ ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ, ମିଶନ ଶକ୍ତି ବି. ପି. ସି. ରହିଥିଲେ । ଉକ୍ତ ଶିବିରରେ ଗାଡିଶେଷଖାଳ ସେକଟର ର ସୁପର ବାଇଜର ଯଶ୍ମ ବିଡ଼ିକା ଙ୍କ ଦ୍ୱାରା ଅଙ୍ଗନବାଡି ନେତ୍ରୀ ମଞ୍ଜୁଳା ଗନ୍ତାୟତ ପରିଚାଳନା କରିଥିଲେ । ଆଜିର ସୁଭଦ୍ରା ସଚେତନ ଅନ୍ତର୍ଜାତୀୟ ମହିଳା ଦିବସ ରେ ସୁଭଦ୍ରା ଯୋଜନା ତାଲିକାରେ ଥିବା ଜଗ୍ୟ ହିତାଧିକାରୀ ମହିଳା ମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ରେ ମିଳିବା ୫୦୦୦/- ଟଙ୍କା କୁ କେଉଁ ଭଳି ଭାବରେ ବିନିଯୋଗ କଲେ ନିଜର ପରିବାର ଭରଣ ପୋଷଣ କରିହେବ ତାହା ନେଇ ମହିଳା ମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସରେ ସଚେତନ କରିଥିଲେ ।କଲ୍ୟାଣ ସିଂହପୁର ରୁ କାମେଶ୍ୱର କରକରିଆ ଙ୍କ ରିପୋର୍ଟ ଫୋକ୍ସ ପ୍ଲସ (ଆଞ୍ଚଳିକ ଖବର) ।

ଦୁଇ ବିଧାୟକଙ୍କ ଦ୍ୱାରା ଭତ୍ତା ଓ ବସୁନ୍ଧରା ପଟ୍ଟା ବଣ୍ଟନ

ବୌଦ୍ଧ ୧୨/୩(ନି.ପ୍ର): ବୌଦ୍ଧ ଜିଲ୍ଲା ପରିଷଦ ପଞ୍ଚାୟତ ଭବନ ଠାରେ ଗୁରୁବାର ଦିନ ମଧୁବାବୁ ଯୋଜନାର ଭତ୍ତା ଓ ବସୁନ୍ଧରା ଯୋଜନାରେ ଘର ଡିହ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବରେ କଣ୍ଧାମାଳ ବିଧାୟକ କନ୍‌ହଷ୍ଣଇ ଚରଣ ଡାଙ୍ଗ, ଉପ-ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶି ପ୍ରତ୍ୟୁଷ ରଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୌଦ୍ଧ ବ୍ଲକ ଯୁଧିଷ୍ଠିର ମେହେର, ତହସିଲଦାର, ବୌଦ୍ଧ ଅନିତା ସାହୁ ଯୋଗ ଦେଇଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ, କୁମୁଦ ଚନ୍ଦ୍ର ଦଳବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାନନ୍ଦ ସାହୁ, ପି. ଏ ରଂଜିତ ମହାନ୍ତି ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ମଧୁବାବୁ ଯୋଜନାରେ ନୂତନ ଭତ୍ତା ମଂଜୁର ହୋଇଥିବା ହିତାଧିକାରୀ ମାନଙ୍କୁ ଭତ୍ତା ଓ ବସୁନ୍ଧରା ଯୋଜନାରେ ବାସ ହୀନ ଲୋକଙ୍କୁ ଘର ଡିହ ପଟ୍ଟା ଅତିଥି ମାନଂକ ଦ୍ୱାରା ବଣ୍ଟନ କରାଯାଇଥିଲା, ୨୦ ଜଣଙ୍କୁ ବସୁନ୍ଧରା ପଟ୍ଟା ଏବଂ ୨୦୫ ଜଣଙ୍କୁ ଉତ୍ତରାଧିକାରୀ ପଟ୍ଟା ବଣ୍ଟନ ସହିତ ୫୧ ଜଣଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା ।

ବୁଢ଼ାବାହାଲ ରେ ଯାଦବ ଭବନ ଉଦ୍‌ଘଟାନ

ତୁଷୁରା, ୧୨/୩(ନି.ପ୍ର): ଶମ୍ଭୁ ପ୍ରସାଦ ସାହୁ: ସଇଁତଳା ବ୍ଲକ ବୁଢ଼ାବାହାଲ ଛକ ରେ ଯାଦବ ଭବନ ର ଉଦଘାଟନ ହୋଇଛି । ଉଦ୍ଘାଟନି ଉତ୍ସବ ରେ ବଲାଙ୍ଗୀର ଜିଲ୍ଲା ଯାଦବ ସଂଘ ସଭାପତି ତଥା କଣ୍ଧାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ସୁଭ ଉଦ୍ଘାଟନ କରିଥିବା ବେଳେ । ପରେ ଭବନ ପରିସରରେ ଏକ ବୁଢାବାହାଲ ଯାଦବ ସଂଘ ସଭାପତି ପରମାନନ୍ଦ ହେରନା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଟିଟିଲାଗଡ ବିଧାୟକ ନବିନ ଜୈନ, ବ୍ଲକ ଉପାଧ୍ୟକ୍ଷ ଗୁଣି ସାଗର ମାଝୀ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ଭୋଇ, ପଦ୍ମଶ୍ରୀ ହଲଧର ନାଗ,ଗିତାରାଣୀ ହାତୀ, ସରପଞ୍ଚ ସୁବ୍ରତ ନାଗ ଯୁବ ସଂଘଠକ ପଞ୍ଚା ବର୍ଗଭି ଓ ବ୍ଲକ ଯାଦବ ସଂଘ ସଭାପତିମନୋହର ବାଗ ଉପସ୍ଥିତ ଥିବାବେଳେ ଗୋକୁଳାନନ୍ଦ ବର୍ଗଭି ମଞ୍ଚ ପରିଚାଳନା କରିଥିଲେ ।

ଅଟଳ ବିହାରୀ ବାଜପେୟୀଙ୍କ ଶତବାର୍ଷିକ ଜନ୍ମ ତିଥି ଅବସରରେ ଫଳ ବଣ୍ଟନ

ବାସୁଦେବପୁର (ଖବର) : ସମୃଦ୍ଧ ଭାରତୀୟ ପରମ୍ପରାକୁ କବିତା ମାଧ୍ୟମରେ ରୁଦ୍ଧିମନ୍ତ କରିଥିବା ତଥା ଭାରତର ଅଖଣ୍ଡ ଶକ୍ତି, ସାମର୍ଥ୍ୟକୁ ଚରିତାର୍ଥ କରିବା ପାଇଁ ଅହ ରହ ଉଦ୍ୟମ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ତଥା ସାରସ୍ୱତ ସାଧକ ଆହୁରି ଏମିତି ଅନେକ ପରିଚୟରେ ସାରା ବିଶ୍ୱରେ ପରିଚିତ । ଚଳିତ ବର୍ଷ ତାଙ୍କର ଜନ୍ମ ଶତାବ୍ଦୀ ବର୍ଷ ହୋଇଥିବାରୁ ଆମ ଦଳ ଏନେଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଭାରତୀୟ ଜନତା ପାର୍ଟିର ସରକାର ହାତକୁ ନେଇଛନ୍ତି । ଏହି ପୁଣ୍ୟାତ୍ମା ଙ୍କ ପୁଣ୍ୟ ତିଥି ଅବସରରେ ଆଜି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଜେପି ଭଦ୍ରକର ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ କୈଳାସ ଚନ୍ଦ୍ର ପଣ୍ଡା, ଅଶିତ କୁମାର ଦାସ,ହେମନ୍ତ ସନ୍ଧିବିଗ୍ରହ, ରମାକାନ୍ତ ସେଠୀ, କମଳା କାନ୍ତ ବାରିକ,ଜଗବନ୍ଧୁ ଦାସ, ପ୍ରତାପ ସେନାପତି,ପ୍ରବିଣ କୁମାର ବେହେରା, ଶ୍ରୀଧର ନାୟକ, ଧିରେନ୍ଦ୍ର ପଣ୍ଡୁଆ,ସାମନ୍ତ ନାୟକ ନିର୍ମଳ ବାରିକ,ବସନ୍ତ ଦୀକ୍ଷିତ,ତପନ ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ଏକ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାନ୍ ରାଷ୍ଟ୍ରନାୟକଙ୍କ ମହାନ୍ ଗାଥା ଆଜିର ଆଧୁନିକ ସମାଜରେ ଆମକୁ ଗଗନରୂପି ଜ୍ଞାନ ଏବଂ ସନ୍ତୁଳିତ ଜୀବନଶୈଳୀର ବାର୍ତ୍ତା ଦିଏ । ରାଷ୍ଟ୍ର ପ୍ରତି ତାଙ୍କର ତ୍ୟାଗ, ସମର୍ପଣ କୁ ମନେ ପକାଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି ।

ଟାଉନ ପ୍ଲାନିଙ୍ଗ ଭାବରେ ତୁଷୁରା ସହରର ଜବରଦଖଲ ଉଚ୍ଛେଦ କରିବାକୁ ଦାବି

ତୁଷୁରା, ୧୨/୩(ନି.ପ୍ର):) ଶମ୍ଭୁପ୍ରସାଦ ସାହୁ: ବଲାଙ୍ଗିର ଜିଲ୍ଲା ତୁଷୁରା ସହର ଭିତର ରାସ୍ତା କଡ଼କୁ ଯିଏ ଯେତେ ଚାହିଁଲା ଜବର ଦଖଲ କରି ନେଇଥିବାରୁ ରାସ୍ତା ସଂକୁଚିତ ହୋଇ ସବୁବେଳେ ଟ୍ରାଫିକ ସମସ୍ୟା ଲାଗିରହୁଛି । ଅନେକଥର ତୁଷୁରା ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ ପାଇଁ ମାପ କରାଯାଇଛି ଏବଂ ଜବର ଦଖଲ ଜାଗାରେ ଲାଲଛକି ଚିହ୍ନ ଦିଆଯାଉଛି ।ଏବଂ କିଛିଦିନ ପରେ ବାହୁବଳୀ ତଥା ଧନୀ ମାନଙ୍କ ଜବର ଦଖଲ ଜାଗା ରେ ପୁଣି ପ୍ରଶାସନ ଯାଇ ନୂତନ ଛକି ଚିହ୍ନ ଦେଇଥାଏ ।ଯାହାଫଳରେ ସବୁବେଳେ ଟ୍ରାଫିକ ସମସ୍ୟା ଲାଗିରହୁଛି ।

ଅପରପକ୍ଷରେ ତୁଷୁରା ପ୍ରଶାସନ ବୁଧବାର ଦିନ ମାରୱାଡି ପଡା ରାସ୍ତା ରୁ ଜବର ଦଖଲ ଉଚ୍ଛେଦ କରିଥିଲା ଡ୍ରେନ ଉପରେ ଜବର ଦଖଲ କୁ ଉଚ୍ଛେଦ କରିଥିଲା । କିନ୍ତୁ ତାହା ଟ୍ରାଫିକ ସମସ୍ୟା ରୁ ମୁକ୍ତି ଦେଇ ପାରିବ ନାହିଁ । ବର୍ତ୍ତମାନ ସେହିରାସ୍ତା ର ପୁରୁଣା ଡ୍ରେନ ଉପରେ ଡ୍ରେନ ତିଆରି ହେବ ବୋଲି ଶୁଣିବାକୁ ମିଳୁଛି । ଡ୍ରେନତିଆରି କରିବା ଆଗରୁ ଜିଲ୍ଲା ପ୍ରଶାସନ ତରଫରୁ ଯେଉଁ ପୁରୁଣା ନକ୍ସାରେ ଜବରଦଖଲର ମାପ କରାଯାଇଥିଲା ସେହିପରି ଭାବରେ ନଚେତ ଟାଉନ ପ୍ଲାନିଙ୍ଗ ହିସାବରେ ଉଚ୍ଛେଦ କରିବାକୁ ସହରର ବୁଦ୍ଧିଜୀବିମାନେ ଦାବି କରୁଛନ୍ତି ।

ଜଳସେଚନ ବିଭାଗ ଓ ଇଡିକୋ ବିଭାଗରର ଅଧିକାରୀ ଶିଳ୍ପ ସଂସ୍ଥା ପାଖରେ ବନ୍ଧା ପଡିଛନ୍ତି

ଜଟିଆ ଷ୍ଟିଲ କରୁଛି କି ଇଡିକୋ ପାଣି ଚୋରି !

କଳିଙ୍ଗନଗର ୧୨/୩(ନି.ପ୍ର): ଜଟିଆ ଷ୍ଟିଲ ବେଆଇନ ନଳକୂପ ବ୍ୟବହାରକୁ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ତଦନ୍ତ କରିବା ପାଇଁ ଯାଜପୁର ଜିଲ୍ଲା ପାନୀୟ ଜଳ ବିଭାଗ କୁ ଆଦେଶକୁ ୧୫ ଦିନରୁ ଉର୍ଦ୍ଧ ବିତିଯାଇଥିଲେ ମଧ୍ୟ ଯାଜପୁର ଜିଲ୍ଲା ରେ ଥିବା ଜଳସେଚନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ।ମାତ୍ର ଯାଜପୁର ଜିଲ୍ଲା ରେ ଥିବା ଗ୍ରାମିଣ ପାନୀୟ ଜଳ ଯୋଗାଣ ବିଭାଗର ଅଧିକାରୀ ମାନେ ଏହି ଆଦେଶ କୁ ଜାଣି ନଜାଣିବା ପରି ବସିଥିବା ଭଳି ମନେ ହେଉଛି । ଫୋନ୍ କରିବା ପରେ ମଧ୍ୟ ଫୋନ ଉଠାଉ ନାହାନ୍ତି । ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ।କି ଆଗକୁ କିଛି ପଦକ୍ଷେପ ଗ୍ରହଣ କରିବାକୁ ଯୋଜନା ନଥିବା ପରି ପରିଲକ୍ଷିତ ହୋଇଛି । ଏଥି ରୁ ଜଣାଉଛି କି ରାଜ୍ୟର ମୁଖ୍ୟ ବିଭାଗ ପକ୍ଷରୁ କହିବା ପରେ ମଧ୍ୟ ଜିଲ୍ଲା ରେ ଥିବା ଅଧିକାରୀ କିପରି ଶିଳ୍ପ ସଂସ୍ଥା ମାନଙ୍କ ସହିତ ଭିତିରିଆ ବୁଝାମଣା କରିବା ଯୋଗୁଁ ସାଧାରଣ ଲୋକ ହଇରାଣ ହେଉଛନ୍ତି । ଆହୁରି ଏକାଧିକ ଅଭିଯୋଗ ହେଉଥିବା ବେଳେ ଇଡିକୋ ବିଭାଗରୁ ଆସୁଥିବା ପାଇପ୍ ପାଣି କୁ ଲାଗିଥିବା ପାଣି ମିଣ୍ଟର ପୂର୍ବରୁ ଚୋରି କରୁଥିବା ଶିଳ୍ପ ସଂସ୍ଥାର ଜଣେ କର୍ମଚାରୀ ନିଜର ନାମ ଗୋପନ କରି କହିଥିବା ଦେଖିବାକୁ ମିଳିଛି । ଏହି ବିଷୟରେ ଇଡିକୋ ର ଅଧିକାରୀ ଙ୍କୁ ଅବଗତ କରିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ବରଂ ଘଟଣା କ